ରଞ୍ଜନର
ରକ୍ତ ତୃଷ୍ଣା



Deb's Library Corner...

ଦସୁ୍ୟ ରଞ୍ଜନ ସିରିଜ୍ – ୩

ରଞ୍ଜନର ରକ୍ତତୃଷ୍ଣା

ଗୋଦାବରୀଶ ମହାପାତ୍ର

Deb's Library Corner...

ରଞ୍ଜନର ରକ୍ତତୃଷ୍ଣା

Digitization by :-
Deb's Library Corner...
At/P.O.-Tambahara
Via-Harichandanpur
Dist-Kendujhar
State-Odisha
Contact-9556804309
e-mail-debaraj.123456789@gmail.com
Telegram link :- https://t.me/debslibrarycorner

ପ୍ରକାଶକ :

© ମୁକ୍ତା ପ୍ରକାଶନ
ବାଙ୍କିସାହି, (କୁମ୍ଭାର ସାହି) କଟକ-୭୫୩୦୦୯

ପ୍ରକାଶକ

ଜନପ୍ରିୟ ପ୍ରକାଶନ
ପ୍ରୋ: ଚନ୍ଦ୍ରଶେଖର ପ୍ରଧାନ
ବାଙ୍କିସାହି, (କୁମ୍ଭାର ସାହି) କଟକ-୭୫୩୦୦୯

ପ୍ରଥମ ସଂସ୍କରଣ—୧୯୮୮

ଚତୁର୍ଥ ସଂସ୍କରଣ—୨୦୦୨

ମୁଦ୍ରଣ :

ରେଖା ପ୍ରେସ
ବାଙ୍କିସାହି, (କୁମ୍ଭାର ସାହି) କଟକ-୭୫୩୦୦୯
ଫୋନ୍—୨୫୫୬୧

ଏକକ ମୂଲ୍ୟ : ଦଶଟଙ୍କା ମାତ୍ର

Ranjanara Raktatrushna

By

PRAMOD KISHORE PANDA

Rs. 10-00

Special Thanks to Raghunath Sethy, Tambahara (for Contribution this Book)

ରାତି ବାରଟାରୁ ଅଧିକ ହେବ ।

ଗଭୀର ରାତ୍ରୀ । ଚତୁର୍ଦ୍ଦିଗରେ ଅନ୍ଧକାରର ରାଜତ୍ୱ । କୃଷ୍ଣ ପକ୍ଷର ଅଜଣା ତିଥି । ଆକାଶରେ ଚନ୍ଦ୍ର ନାହିଁ । ନକ୍ଷତ୍ରଗଣଙ୍କର ମଧ୍ୟ ଚିହ୍ନବର୍ଣ୍ଣ ନାହିଁ । ଗାଢ଼ କଳା ରଙ୍ଗର ବାଦଲ ଢାଙ୍କି ରଖିଛି ସାରା ଆକାଶ ।

ଡିସେମ୍ବର ମାସର ମଝିଆମଝି । ଶୀତ ମଧ୍ୟ ବେଶ୍ ଅନୁଭୂତ ହେଉଛି । ସନ୍ଧ୍ୟାବେଳେ ଅସରାଏ ଭଲଭାବରେ ବର୍ଷା ହୋଇ ଯାଇଥିଲା । କିନ୍ତୁ ତା' ପରେ ପରେ ଆରମ୍ଭ ହୋଇଥିଲା କୋହଲ ପବନ । ବାତାବରଣରେ ଶୀତର ପ୍ରକୋପ । ଏଣେ ଯେକୌଣସି ସମୟରେ ମେଘ ହେବାର ଆଶଙ୍କା ରହିଛି ।

ଅତଏବ ଏଭଳି ଏକ ଦୁର୍ଯ୍ୟୋଗମୟ ରାତିରେ କେହି ରାସ୍ତାକୁ ବାହାରିବା ତ' ଦୂରର କଥା, ସେକଥା ଚିନ୍ତା କରିବାକୁ ମଧ୍ୟ ନାରାଜ ହେବା ସ୍ୱାଭାବିକ ।

ରାସ୍ତାଘାଟ ଜନଶୂନ୍ୟ । ଏପରି କି କୌଣସି ଯାନବାହାନର ମଧ୍ୟ ଦେଖାନାହିଁ । ଚତୁର୍ଦ୍ଦିଗରେ ନିର୍ଜ୍ଜନତାର କପଟ ଏକ ଭୟାବହ ଭାବ ଘେରି ରହିଛି ।

ସହରବାସୀ ସମସ୍ତେ ନିଜ ନିଜ କୋଠରୀ ମଧ୍ୟରେ ଆବଦ୍ଧ କରି ରଖିଛନ୍ତି ନିଜକୁ । ଏଭଳି ଏକ ଶୀତାକ୍ତ ରାତିରେ, ତା' ଛଡ଼ା ମଧ୍ୟ ରାତିରେ କିଏ ବା କାହିଁକି ବାହାରକୁ ବାହାରିବାର ଉଦ୍ୟମ କରନ୍ତା ।

କିନ୍ତୁ ସହରଁ ବାହାରେ···ପାଞ୍ଚ ନମ୍ବର ଜାତୀୟ ରାଜପଥ ଉପରେ ଏତିକିବେଳେ ଯେଉଁ ଦୃଶ୍ୟର ଅବତାରଣା ହେଲା, ତାହା ଏଇ ରାତ୍ରୀର ଭୟାବହତା ଅପେକ୍ଷା ଆହୁରି ଅଧିକ ଭୟାବହ, ଅଧିକ ରୋମାଞ୍ଚକର ।

ଦେଖାଗଲା ଜାତୀୟ ରାଜପଥ ଧରି ତୀବ୍ର ବେଗରେ ଏକ-କଳା ରଙ୍ଗର ଅଷ୍ଟିନ୍ କାର୍ ଛୁଟି ଆସୁଛି ସହର ବାହାରକୁ । ଗତିବେଗ ଦେଖି ମନେହେଲା, ଚାଳକ ଯେପରି ଯେତେଶୀଘ୍ର ସମ୍ଭବ ନିଜକୁ ଏଇ ଭୟାବହ ବାତାବରଣ ମଧ୍ୟରୁ ଦୂରେଇ ନେଇ ସୁରକ୍ଷିତ ସ୍ଥାନରେ ପହଞ୍ଚିବାକୁ ଚାହେଁ ।

କାର୍‌ର ଆରୋହୀ ମାତ୍ର ଦୁଇଜଣ । ଦୁଇଜଣଯାକ ଯୁବକ । ଜଣେ ଚାଳକ ଏବଂ ଅନ୍ୟ ଜଣେ ଯାତ୍ରୀ । ଦୁଇଜଣଙ୍କ ଦେହରେ ଗାଢ଼ କଳା ରଙ୍ଗର ସୁଟ୍ । ମୁଣ୍ଡରେ ଫେଲଟହ୍ୟାଟ । ଫେଲଟହ୍ୟାଟ ଦୁଇଟି ଟିକିଏ ଆସିଛି ଦୁଇଜଣଙ୍କ କପାଳ ଉପରକୁ । କିନ୍ତୁ ତା' ସତ୍ତ୍ୱେ ବି ଯେଉଁ ଅଂଶ ଟିକିକ ଆଖିରେ ପଡ଼େ, ସେଇଥିରୁ ହିଁ ମନେ ହେଉଛି, ଯୁବକ ଦୁଇଜଣ ଆକର୍ଷଣୀୟ ରୂପକାନ୍ତିର ଅଧିକାରୀ, ଏଥିରେ ସନ୍ଦେହ କରିବାର କିଛି ନାହିଁ । ଚାଳକ ଆସନରେ ବସି ରହିଛି ଜଣେ ଏବଂ ନିକଟରେ ଅନ୍ୟ ଯୁବକଟି ବସି ରହିଛି । ଦୁହେଁ ନୀରବ, କାହାରି ମୁହଁରେ କଥା ନାହିଁ ।

ଏକ ସମୟରେ ପାଖରେ ବସିଥିବା ଯୁବକଟି ପକେଟରୁ ସିଗାର ବାହାର କରି ଓଠରେ ଚାପି ଧରିଲା । ତା'ପରେ ଲାଇଟର ଦ୍ୱାରା ନିଆଁ ଧରାଇଲା । କେଇଥର ଧୂଆଁ ଛାଡ଼ି ଗମ୍ଭୀର କଣ୍ଠରେ ଅନ୍ୟ ଯୁବକଟି ଆଡ଼େ ଚାହିଁ ଡାକିଲା—ରତନ !

ଷ୍ଟିଅରିଂ ଉପରେ ହାତ ରଖି, ସାମନାରେ ଦୃଷ୍ଟି ନିବଦ୍ଧ କରି ଅନ୍ୟ ଯୁବକ ଜଣକ ଉତ୍ତର ଦେଲା—କ'ଣ ଭାଇ !

—ତିନିଟା ପୂର୍ବରୁ ଆମେ ଲକ୍ଷ୍ୟ ସ୍ଥଳରେ ପହଞ୍ଚିବା ବୋଲି ଭାବୁଛି ?

ରତନ ଉତ୍ତର ଦେଲା—ସେ ବିଶ୍ୱାସ ମୋର ଅଛି ଭାଇ । ରାସ୍ତାରେ ଯଦି ଅନ୍ୟ କୌଣସି ପ୍ରକାର ବାଧାବିଘ୍ନ ଉପସ୍ଥିତ ନ ହୁଏ ତା'ହେଲେ ଆମେ ନିଶ୍ଚୟ ଯଥା ସମୟରେ ପହଞ୍ଚିଯାଇ ପାରିବା ।

ରତନ କଥାଶୁଣି ଅପର ଯୁବକ ଜଣକ କୌଣସି ଉତ୍ତର ଦେଲା ନାହିଁ । ମାଟରକାରେ ସିଗାର ଟାଣୁ ଟାଣୁ କ'ଣ ଚିନ୍ତା କରିବାକୁ ଲାଗିଲା ।

ଆଶା, ପାଠକ ପାଠିକାମାନେ ନିଶ୍ଚୟ ଯୁବକ ଦୁଇଜଣଙ୍କୁ ଚିହ୍ନି ପାରୁଛନ୍ତି । ଏ ଦୁଇଜଣ ଦସ୍ୟୁ ରଞ୍ଜନ ଏବଂ ଦସ୍ୟୁ ରତନ ବ୍ୟତୀତ ଅନ୍ୟ କେହି ନୁହଁନ୍ତି । ରଞ୍ଜନ ମୀରବରେ ବସିରହି ସିଗାରରେ ଟାଣ ଦେବାକୁ ଲାଗିଛି । ରତନର ଦୃଷ୍ଟି ସାମାନ୍ୟ ରାସ୍ତା ଉପରେ ନିବଦ୍ଧ ! ପାକିଟରୁ ସିଗାର ବାହାର କରି ରଞ୍ଜନ କିଛି କହିବାକୁ ଯାଉଥିଲା । କିନ୍ତୁ ତା' ପୂର୍ବରୁ ଏକ ବିପର୍ଯ୍ୟୟ ଘଟିଗଲା ।

ଶକ୍ତିଶାଳୀ ଅଷ୍ଟିନ୍ ଛୁଟି ଚାଲିଥିଲା ତୀବ୍ର ବେଗରେ । ଏତିକିବେଳେ ରତନ ଆଖିରେ ପଡ଼ିଲା, ହେଡ଼ଲାଇଟର ଉଜ୍ଜ୍ୱଳ ଆଲୋକରେ ତା'ର କାର୍ ଆଡ଼କୁ ଲକ୍ଷ୍ୟକରି କେହି ଜଣେ ପ୍ରାଣପଣେ ଦୌଡ଼ି ଆସୁଛି ରାସ୍ତା ଉପରେ । ଟଳ ଟଳ ହେଉଛି ଲୋକଟା । ଦୁଇ ହାତରେ ନିଜ ଛାତିର ଡାହାଣ ପାଖ ଚିପିଧରି ସେ ଦୌଡ଼ୁଛି । ମଝିରେ ମଝିରେ ଗୋଟାଏ ହାତ ଉଠାଇ କାର୍ ଅଟକାଇବା ନିମନ୍ତେ ସଙ୍କେତ ମଧ୍ୟ ଦେଉଛି ।

ମନେହେଉଛି ଲୋକଟି ଯେପରି କୌଣସି ଭୟଙ୍କର ବିପଦରୁ ନିଜକୁ ରକ୍ଷା କରିବାକୁ ପ୍ରାଣପଣେ ଦୌଡ଼ି ଚାଲିଛି ।

ଚମକି ଉଠିଲା ରତନ ।

ନିର୍ଜନ ଗଭୀର ରାତି । ତା'ପରେ ପୁଣି ଜନଶୂନ୍ୟ ରାସ୍ତା । ଆଖପାଖରେ ଅବଶ୍ୟ କୌଣସି ଗାଁ'ଗଣ୍ଡା ନାହିଁ । ମଝିରେ କେବଳ କେଉଁଠି କେମିତି ଗୋଟେ ବଡ଼ ଆମ୍ବତୋଟା, ଅଥଚ ଏତେ ରାତିରେ ଏଭଳି ଏକ ଭୟାବହ ସ୍ଥାନରେ କ'ଣ କରୁଥିଲା ଲୋକଟା । ତା'ପରେ କାହାପ୍ରତି ଭୟଭୀତ ହୋଇ ଏମିତି ଛୁଟିଚାଲିଛି ଉନ୍ମାଦଙ୍କ ଭଳି ।

ରଞ୍ଜନ ଦୃଷ୍ଟି ମଧ୍ୟ ଲୋକଟି ଉପରେ ପଡ଼ି ସାରିଥିଲା । ସିଧାହୋଇ ବସି ସେ ରତନକୁ କାର୍ ଅଟକାଇବା ନିମନ୍ତେ ଇଙ୍ଗିତ ଦେଲା । କପାଳରେ ଚିନ୍ତାରେଖା ସ୍ପଷ୍ଟ ହୋଇ ଉଠିଲା ତା'ର ।

ରତନ କାର୍ ବ୍ରେକ୍ କଷିଲା । ଏକ ତୀବ୍ର ଚିତ୍କାର କରି ଅଟକିଗଲା ଅଷ୍ଟିନ୍ ।

ହେଡ଼ ଲାଇଟ୍‌ରେ ଦେଖାଗଲା ଲୋକଟି ଦୌଡ଼ି ଦୌଡ଼ି ଆସି ଠିକ୍ କାର୍ ସାମନାରେ ପହଞ୍ଚିଲା । ଟଳଟଳ ହୋଇ ନିଜକୁ ସମ୍ଭାଳିବା ନିମନ୍ତେ ଚେଷ୍ଟାକଲା । ମାତ୍ର ଗୋଟାଏ ମୁହୂର୍ତ୍ତ । ତାପରେ କଟାଗଛ ଭଳି ଟଳିପଡ଼ିଲା ସେଇଠି, ରାସ୍ତା ଉପରେ ।

ହେଡ଼ଲାଇଟ୍ ସେମିତି ଜଳାଇ ରଖି, ରତନ କାର୍‌ର ଦରଜା ଖୋଲି ବାହାରିକୁ ବାହାରି ଆସିଲା । ତା' ପଛରେ ରଞ୍ଜନ । ଉଭୟେ ଦ୍ରୁତ ପଦରେ ଆସି ତା' ନିକଟରେ ପହଞ୍ଚି ଝୁଙ୍କି ପଡ଼ିଲେ । ମୁହଁମାଡ଼ି ତଳେ ଲୋଟି ପଡ଼ିଛି ସେ ।

ଏ କ'ଣ ! ଲୋକଟିର ପିଠିରେ ଏକ ଗର୍ତ୍ତ । ଗର୍ତ୍ତ ମଧ୍ୟରୁ ଝରଝର ହୋଇ ଅବିରାମ ଗତିରେ ରକ୍ତଧାର ଝରି ଆସୁଛି ।

ରଞ୍ଜନର ବୁଝିବା ନିମନ୍ତେ ଅସୁବିଧା ହେଲା ନାହିଁ । କୌଣସି କାରଣରୁ ଲୋକଟିକୁ କେହି ପଛପଟରୁ ଗୁଳି କରିଛି ।

କିନ୍ତୁ ଗୁଳି ଲାଗିଲା ପରେ ବି ଏତେ ରାସ୍ତା ଦୌଡ଼ି ଦୌଡ଼ି ଆସିବା କିଛି କମ୍ କଥା ନୁହେଁ । ବୋଧହୁଏ ଅଚେତନ ହୋଇ ପଡ଼ିଛି ସେ; କିନ୍ତୁ ନଇଁପଡ଼ି ଲୋକଟିର ଦେହକୁ ସିଧା କରିଦେବା ମାତ୍ରକେ ସର୍ପାହତ ଭଳି ସେ ଚମକି ଉଠିଲା । ଏ ଯେ ତା'ର ବିଶେଷ ପରିଚିତ । ଅଞ୍ଚଳର ଦୁର୍ଦ୍ଦାନ୍ତ ଦସ୍ୟୁ ତଥା ବର୍ତ୍ତମାନର କୁଖ୍ୟାତ ସ୍ମଗଲର ୟୁସୁଫ ଖାନ୍‌କୁ କିଏ ନ ଜାଣେ ।

ୟୁସୁଫ୍ ଖାନ୍ ! କେତେ ଯେ ନରହତ୍ୟା ଅପରାଧ ସହ ଏଇ ନାମ ଜଡ଼ିତ ତା'ର ଇୟତ୍ତା ନାହିଁ । ପୋଲିସ ତ୍ରାସ ୟୁସୁଫ୍ ଖାନ୍ । ଏବେ ବି ତାକୁ ଜୀବନ୍ତ ବା ମୃତ ଅବସ୍ଥାରେ ଧରି ଆଣି ପାରିଲେ ପୋଲିସ ପକ୍ଷରୁ ଦଶହଜାର ଟଙ୍କା ପୁରସ୍କାର ଲାଭର ଘୋଷଣା ମଧ୍ୟ ଅବ୍ୟାହତ ରହିଛି ।

କିନ୍ତୁ ଏଇ ଦୁର୍ଦ୍ଦାନ୍ତ ୟୁସୁଫ୍ ଖାନ୍‌କୁ ଏଭଳି ଏକ ନିର୍ଜ୍ଜନ ସ୍ଥାନରେ କିଏ ଯେ ଗୁଳି କରିପାରେ, ସେକଥା ବୁଝିବା ରଞ୍ଜନ ପକ୍ଷରେ ସମ୍ଭବ ହେଲା ନାହିଁ । ହଠାତ୍ ୟୁସୁଫର ଆଖି ଉପରେ ରଞ୍ଜନର ଦୃଷ୍ଟି ପଡ଼ିଲା । ମୁଖମଣ୍ଡଳ ଯନ୍ତ୍ରଣାରେ ବିକୃତ । ରଞ୍ଜନ ବୁଝିପାରିଲା, ୟୁସୁଫ୍ ଖାନ୍ ଅଚେତନ ନୁହେଁ, ତା'ର ମୃତ୍ୟୁ ଘଟିଛି ।

କ୍ରୋଧ ଏବଂ ବିସ୍ମୟରେ ରଞ୍ଜନର ମୁଖମଣ୍ଡଳ କୁଞ୍ଚିତ ହୋଇ ଆସିଲା । ରତନକୁ କିଛି କହିବାକୁ ଯାଉଥିଲା ସେ । କିନ୍ତୁ ଏତିକି ବେଳେ ଏକ ଅସ୍ପଷ୍ଟ ଶବ୍ଦ କାନରେ ବାଜିଲା । ଦେଖିଲା ରତନ ମଧ୍ୟ କାନ ଡେରି ନିସ୍ତବ୍ଧ ଚିତ୍ତରେ କିଛି ଶୁଣିବାକୁ ଚେଷ୍ଟା କରୁଛି ।

ଗମ୍ଭୀର ନିସ୍ତବ୍ଧତା ଭଙ୍ଗକରି କୌଣସି ଇଞ୍ଜିନ ଗର୍ଜ୍ଜନ କରି ଉଠିଲା । ତା'ପରେ ଧୀରେ ଧୀରେ ସେଇ ଶବ୍ଦ ଦୂରରୁ

ଦୂରତର ହୋଇ ଏ ସମୟରେ ମିଳେଇଗଲା । ଆଉ ଶୁଣାଗଲା ନାହିଁ ।

ରଞ୍ଜନର ମନେ ହେଲା ଅଳ୍ପ ଦୂରରେ କେଉଁଠାରେ କୌଣସି ଗାଡ଼ି ଷ୍ଟାର୍ଟ ହୋଇ ଚାଲିଗଲା । ଗଭୀର ଅନ୍ଧକାର, ହେଡ଼ ଲାଇଟ୍ ଜଳାଇ ନଥିବାରୁ ଗାଡ଼ିର ଅସ୍ତିତ୍ୱ ସମ୍ପର୍କରେ କିଛି ଜାଣିବା ସମ୍ଭବ ହୋଇ ପାରିନାହିଁ । କିନ୍ତୁ ନିର୍ଜନ ସ୍ଥାନରେ ଗାଡ଼ି ଅଟକାଇ କ'ଣ କରୁଥିଲେ ସେମାନେ । ତା'ଛଡ଼ା ନିଜକୁ ଏପରି ଲୁକାୟିତ ରଖି ପଳାୟନ କରିବା ପଛରେ ନିଶ୍ଚୟ ସେମାନଙ୍କର କୌଣସି ଉଦ୍ଦେଶ୍ୟ ରହିଛି । ହଠାତ୍ ରଞ୍ଜନ ମନରେ ଆଉ ଏକ ଚିନ୍ତା ବିଦ୍ୟୁତ୍ ଭଳି ଝଲକ ଦେଇ ଉଠିଲା । ଏମାନେ ୟୁସୁଫ୍ ଖାନ୍‌ର ହତ୍ୟାକାରୀ ନୁହନ୍ତି ତ ? କିନ୍ତୁ କିଏ ସେମାନେ···? କ'ଣ ସେମାନଙ୍କର ଉଦ୍ଦେଶ୍ୟ ରହିଛି । ରଞ୍ଜନର ଚିନ୍ତାଧାରା ଛିନ୍ନ ହେଲା ।

ରତନ ପାଖକୁ ଆସି ଗମ୍ଭୀର କଣ୍ଠରେ କହିଲା—ମୋ'ର ମନେ ହେଉଛି ଏଇ ଲୋକଟିର ହତ୍ୟାକାରୀ ନିଶ୍ଚୟ ସେଇ ଗାଡ଼ିରେ ଥିଲା । ହଠାତ୍ ଆମକୁ ଆମି ପହଞ୍ଚିବାର ଦେଖି ଅନ୍ଧକାର ମଧ୍ୟରେ ପଳାୟନ କରିଛି । ରଞ୍ଜନ ଥରେ ରତନ ଆଡ଼କୁ ଚାହିଁଲା । ତା' ପରେ କିଛି ନ କହି ପୁନର୍ବାର ଗଭୀର ଚିନ୍ତାରେ ନିମଗ୍ନ ହୋଇ-ଗଲା ।

—ତୁମେ ଖୁବ ଚିନ୍ତିତ ହୋଇ ପଡ଼ିଛ, ଭାଇ !

ରଞ୍ଜନ ମୃଦୁ ହସି କହିଲା—ଚିନ୍ତିତ ହେବା କଥା ରତନ୍ ! ଏଇ ମୃତ ବ୍ୟକ୍ତିର ଅସଲ ପରିଚୟ କ'ଣ ଜାଣ ! ସେ ହେଉଛି କୁଖ୍ୟାତ ଦସ୍ୟୁ ସୁଗଲର ୟୁସୁଫ୍ ଖାନ୍ ।

ୟୁସୁଫ୍ ଖାନ୍ ! ରତନ ଚମକି ଉଠିଲା । ହତବାକ୍ ହେଲା ବିସ୍ମୟରେ ।

ରଞ୍ଜନ କହିଲା—ହଁ ୟୁସୁଫ୍ ଖାନ୍ । ଯାହା ନାଁ ଶୁଣିଲେ ସମସ୍ତେ ଭୟରେ ଶିହରି ଉଠନ୍ତି । କିନ୍ତୁ ଆଶ୍ଚର୍ଯ୍ୟର ବିଷୟ, ସେଇ ୟୁସୁଫ୍‌କୁ ଏପରି ନୃଶଂସ ଭାବେ ଗୁଳିକରି କିଏ ହତ୍ୟା କରିପାରେ । ତା'ର ପ୍ରକୃତ ଉଦ୍ଦେଶ୍ୟ କ'ଣ, ସେକଥା ଠିକ୍ ବୁଝିପାରୁନି ।

ରତନ ନୀରବ ରହିଲା ।

ରଞ୍ଜନ ନଇଁପଡ଼ି ୟୁସୁଫ୍‌ର ଦେହ ତଲାସୀ ନେବାକୁ ଆରମ୍ଭ କଲା । କିନ୍ତୁ ଉଲ୍ଲେଖ ଯୋଗ୍ୟ କିଛି ପାଇଲା ନାହିଁ । ଯାହା କିଛି ମିଳିଲା ତା' ଭିତରେ ଗୋଟାଏ ରିଭଲଭର, ହୋଟେଲ ମିଡ଼୍‌ନାଇଟ୍‌ର ଠିକଣା ଲେଖାଥିବା ଖଣ୍ଡିଏ କାର୍ଡ ଆଉ କେଇଖଣ୍ଡି ଶହେ ଟଙ୍କିଆ ନୋଟ୍ । ବାସ୍, ଏତିକି । ଏଇ କେଇଟି ଜିନିଷ ବ୍ୟତୀତ ରଞ୍ଜନ ୟୁସୁଫ୍ ପକେଟରୁ ଆଉ କିଛି ପାଇଲାନି ।

କେବଳ ରିଭଲଭର ଆଉ ଠିକଣା ଲେଖାଥିବା କାର୍ଡ ଖଣ୍ଡିକୁ ଆଣି ପକେଟ୍ ଭିତରେ ରଖିଲା ରଞ୍ଜନ । ଉଠି ଠିଆହେଲା । କିନ୍ତୁ ଏତିକିବେଳେ ତା'ର ଆଖି ପଡ଼ିଲା, ୟୁସୁଫ୍ ଗଳାରେ ଗୋଟାଏ ଗ୍ରେଟ ଲକେଟ୍ ଝୁଲୁଛି । ସୁନାର ଚେନ୍ । ମଝିରେ ଗୋଟାଏ ପଦକ । ପଦକ ଉପରେ ମୀନାକାମକରା ଏକ ଭୟଙ୍କର ସିଂହମୂର୍ତ୍ତି । କ'ଣ ଭାବି ୟୁସୁଫ୍ ଗଳାରୁ ସେଇ ପଦକଟି ବାହାର କରି ଆଣି ନିଜ ନିକଟରେ ରଖିଲା ରଞ୍ଜନ ।

ତା'ପରେ ରତନ ଆଡ଼େ ଫେରି ଚାହିଁଲା—ଆମ କାର୍ଯ୍ୟ ଶେଷ ହୋଇଛି । ଏଥର ଚାଲ । ବେଶୀ ସମୟ ଏଠାରେ ଅପେକ୍ଷା କରିବା ଷ୍ପଦସ୍ଥାନ ନୁହେଁ ।

ରତନ ବୁଝିପାରିଥିଲା, ତା'ର ଭାଇ ନିଶ୍ଚିତ ଭାବରେ ୟୁସୁଫ୍ ହତ୍ୟାକାରୀର ପ୍ରକୃତ ରୂପ ଜାଣିବା ନିମନ୍ତେ ବ୍ୟଗ୍ର ହୋଇ ଉଠିଛନ୍ତି । କୌଣସି ପ୍ରଶ୍ନ ନ କରି ସେ ଦ୍ରୁତ ପଦରେ ନିଜ କାର୍ ଭିତରକୁ ଫେରି ଆସିଲା । ରଞ୍ଜନ ମଧ୍ୟ ଆସି ପାଖରେ ବସିଲା ।

ଥରେ ଚତୁର୍ଦ୍ଦିଗରେ ତୀକ୍ଷ୍ଣ ଦୃଷ୍ଟି ଘୁରାଇ ନେଇ ଚନ୍ଦନ ଗାଡ଼ି ଷ୍ଟାର୍ଟ କଲା । ଅଳ୍ପ ସମୟ ପରେ ଦେଖାଗଲା, ଜାଗାରୁ ରାଜପଥ ଧରି ତୀବ୍ର ବେଗରେ ଆଗକୁ ଛୁଟି ଚାଲିଛି ଦସ୍ୟୁ ଚନ୍ଦନର ସେଇ ଶକ୍ତିଶାଳୀ କଳା ରଙ୍ଗର ଅଷ୍ଟିନ ଖଣ୍ଡିକ । ରାତି ପ୍ରାୟ ଗୋଟାଏ । ଚତୁର୍ଦ୍ଦିଗରେ କେବଳ ଅନ୍ଧକାର ।

ସକାଳ ନଅଟା ।

ନିଜର ନିତ୍ୟକର୍ମ ଶେଷ କରି ବିଜୟବାବୁ ଅସି ଡ୍ରଇଂ ରୁମରେ ବସିଥିଲେ । ଆଗରେ ଟିପୟ ଉପରେ ଚାହାକପ୍ । ଧୂଆଁ ବାହାରୁଛି । ପାଖରେ ଦୁଇଖଣ୍ଡ ଇଂରେଜୀ ଏବଂ ଓଡ଼ିଆ ଭାଷାର ଦୈନିକ ସମ୍ବାଦପତ୍ର । ସମ୍ବାଦପତ୍ର ପଢ଼ିବା ଶେଷକରି ବିଜୟବାବୁ ଗୋଟାଏ ପାଖରେ ରଖିଦେଲେ । ପଢ଼ିବା ଭଳ ବିଶେଷ କୌଣସି ସମ୍ବାଦ ନାହିଁ । କେବଳ ନୂଆକରି ଚଢ଼ି ଉଠିଥିବା ଗୋଟିଏ ଦୁଇଟି ସ୍ମଗ୍ଲର ଦଳଙ୍କୁ ଗ୍ରେପ୍ତାର କରି ନପାରିବା ଫଳରେ ପୋଲିସ ପ୍ରତି କଟୁ ମନ୍ତବ୍ୟ । ଏ ପ୍ରକାର ମନ୍ତବ୍ୟ ଶୁଣି ଶୁଣି ବିଜୟବାବୁଙ୍କର ଦେହସୁହା ହୋଇଗଲଣି ।

କେଇମାସ ତଳେ ଦୁର୍ଦ୍ଦାନ୍ତ ଦସ୍ୟୁ କରାମତ ଅଲ୍ଲୀ, ଚନ୍ଦନ ଗୁପ୍ତଚର ଶୃଙ୍ଗସୁ ପ୍ରଭୃତିଙ୍କୁ ଆରେଷ୍ଟ କରିବା ପରେ ସ୍ୱସ୍ତିର ନିଶ୍ୱାସ ପକାଇ ଥିଲେ ବିଜୟବାବୁ ।

କିନ୍ତୁ କେଇଟା ମାସ ନ ଯାଉଣୁ ପୁନର୍ବାର କେତେକ ସ୍ମଗଲର ଦଳ ରାଜ୍ୟରେ ବିଶେଷ ତତ୍ପର ହୋଇ ଉଠିଛନ୍ତି । ସେମାନଙ୍କୁ ଗ୍ରେପ୍ତାର କରିବା ନିମନ୍ତେ ପ୍ରାଣପଣେ ଉଦ୍ୟମ ଚଳାଇ ଚାଲିଛନ୍ତି ବିଜୟବାବୁ । ମାତ୍ର ଏପର୍ଯ୍ୟନ୍ତ ଦଳର କୌଣସି ରହସ୍ୟ

Deb's Library Corner...

ଜାଣିବା ସମ୍ଭବପର ହୋଇ ପାରିନି । ଅବଶ୍ୟ ବିଜୟବାବୁ ଯେ ଏଥିପାଇଁ ନିଜକୁ ଜମ୍ ଦୋଷୀ ବୋଲି ମନେ କରୁଛନ୍ତି, ତା' ନୁହେଁ, କିନ୍ତୁ ସେ ତ' ନିଜ କର୍ତ୍ତବ୍ୟରେ କୌଣସି ତ୍ରୁଟି ରଖି ନାହାନ୍ତି ।

ଚିନ୍ତାକରି ଗ୍ଲୁଜିଲେ ବିଜୟବାବୁ । ଠିକ୍ ଏଇ ସମୟରେ ମନେ ପଡ଼ିଲା ରଞ୍ଜନ କଥା । ଅପରାଜେୟ ଦସ୍ୟୁ ରଞ୍ଜନ କଥା ।

କେବଳ ତା'ରି ପାଇଁ ହିଁ ଦସ୍ୟୁ କପ୍ତମତି ଅଲ୍ଲୀକୁ ଗ୍ରେପ୍ତାର କରିବା ସମ୍ଭବ ହୋଇ ପାରିଥିଲା । ଚୀନା ଷଡ଼ଯନ୍ତ୍ର ବ୍ୟର୍ଥ କରିଦେବା ସମ୍ଭବ ହୋଇଥିଲା । ସେଇଥିପାଇଁ ବିଜୟବାବୁ ମନେ ମନେ ରଞ୍ଜନ ପ୍ରତି କୃତଜ୍ଞ । ମନ ତାଙ୍କର ଦସ୍ୟୁ ରଞ୍ଜନ ପ୍ରତି, ସ୍ନେହସିକ୍ତ ହୋଇ ଉଠିଲା ।

ତା'ର ଯେଉଁ ପ୍ରତିଭା ରହିଛି ତାକୁ ଯଦି ସେ ସୁପଥରେ ପରିଚାଳିତ କରିପାରି ଥାଆନ୍ତେ, ତା'ହେଲେ···ଆଉ ଆଗକୁ ଭାବି ପାରିଲେନି ବିଜୟବାବୁ । ପୋଲିସ ହୃଦୟ ତାଙ୍କର ବିଦ୍ରୋହ କରି-ଉଠିଲା । ନା, ଯାହାହେଲେ ବି ରଞ୍ଜନ ହେଉଛି ଦସ୍ୟୁ । ତେଣୁ ତା'ର ପ୍ରଶଂସା କରିବା ତାଙ୍କଭଳି ଜଣେ ଦାୟିତ୍ୱସମ୍ପନ୍ନ ପୋଲିସ ଅଫିସରଙ୍କ ନିକଟରେ ଲଜ୍ୟାର ବିଷୟ ।

ଚିନ୍ତାଧାରା ଛିନ୍ନ ହେଲା । ବିଜୟବାବୁଙ୍କ ଆଖି ପଡ଼ିଲା ଚାହା-କପ୍ ଉପରେ । ଯା···ଇଁବୁ ଭାବୁ ଆଉ ଚାହାପାନ କରିବା ନିମନ୍ତେ ତାଙ୍କର ମନେ ନାହିଁ । ଚାହା ବେଶ୍ ଥଣ୍ଡା ହୋଇ ଗଲାଣି । ଗ୍ଲୁକରି ମଧୁକୁ ଡାକି ଆଉ କପେ ଚାହା ଆଣିବା ନିମନ୍ତେ ବିଜୟବାବୁ ଆଦେଶ ଦେଲେ ।

ଠିକ୍ ଏଇ ସମୟରେ ଟେଲିଫୋନ୍ ଚିତ୍କାର କରି ଉଠିଲା ।

ବିଜୟବାବୁ ଉଠିଆସି ରିସିଭର୍ ତୋଳି ନେଲେ ।

ହାଲୋ !

ଚମକି ଉଠିଲେ ସେ । ଅପର ପଟରୁ କାହାର ଗମ୍ଭୀର କଣ୍ଠ ଭାସି ଆସିଲା—ବ୍ରଜପୁବାବୁ ?

ଏ ସ୍ୱର ବ୍ରଜପୁବାବୁଙ୍କ ନିକଟରେ ଅପରିଚିତ ନୁହେଁ । ଆଇ. ଜି. ସାହେବ ତାଙ୍କୁ ଫୋନରେ ଡାକୁଛନ୍ତି । ନିଜକୁ ଯଥାସମ୍ଭବ ସଂଯତ କରିନେଇ ବ୍ରଜପୁବାବୁ ନମ୍ର କଣ୍ଠରେ କହିଲେ—ମୁଁ କହୁଛି ସାର ! କିଛି ଦରକାର ଥିଲା ?

ଆ: ଜି: ସାହେବ ଗମ୍ଭୀର କଣ୍ଠରେ କହିଲେ—ଆପଣଙ୍କ ସହିତ ଅତ୍ୟନ୍ତ ଜରୁରୀ ଆଲୋଚନା ଅଛି ବ୍ରଜପୁବାବୁ ! ଗତକାଲି ରାତିରେ ଗୋଟାଏ ଅଘଟଣ ଘଟିଯାଇଛି ।

ବ୍ରଜବାବୁ ଅବାକ୍ ହେଲେ—ମାନେ ?

—ଆପଣଙ୍କର ଦୁର୍ଦ୍ଦାନ୍ତ ସ୍ମଗଲର ୟୁସୁଫ ଖାନ୍ କଥା ମନେଅଛି ?

—ଅଛି ସାର୍ ! ତା'ପାଇଁ ସରକାରଙ୍କ ପକ୍ଷରୁ ଦଶହଜାର ଟଙ୍କା ପୁରସ୍କାର ଘୋଷଣା କରାଯାଇଥିଲା । ୟୁସୁଫ୍ କ'ଣ ଧରା ପଡ଼ିଛି ?

ଅପର ପଟରୁ ଆଇ: ଜି: ସାହେବଙ୍କ ବ୍ୟଥାଭରା କଣ୍ଠ ଭାସି ଆସିଲା—ହଁ, ଧରା ପଡ଼ିଛି । କିନ୍ତୁ ତାକୁ ଗ୍ରେପ୍ତାର କରିବା କାହା ପକ୍ଷରେ ଆଉ ସମ୍ଭବ ନୁହେଁ ।

—କାହିଁକି ?

—ୟୁସୁଫ ଖାନ୍‌କୁ ଗତକାଲି ରାତିରେ କେହି ଗୁଳି କରି ହତ୍ୟା କରିଛି ।

ବ୍ରଜପୁବାବୁ ଚମକି ଉଠିଲେ—ମାନେ ?

ଆ: ଜି: ସାହେବ କହିଲେ—ଆଜି ସକାଳେ ପାଞ୍ଚନମ୍ବର ଜାତୀୟ ରାଜପଥ ଧାରରେ ତା'ର ମୃତଦେହ ଆବିଷ୍କୃତ ହୋଇଛି ।

—କିନ୍ତୁ ୟୁସୁଫଙ୍କୁ···

—ମୁଁ ମଧ୍ୟ ସେଇଆ ଭାବୁଛି ବିଜୟବାବୁ ! ୟୁସୁଫ ଖାନ୍ ଭଳି ଦୁର୍ଦ୍ଦାନ୍ତ ଲୋକର ହତ୍ୟାକାରୀ ଯେ କିଏ ହୋଇପାରେ, ମୁଁ ଠିକ୍ ବୁଝି ପାରୁନି । ସେ ଯା'ହେଉ, ଆପଣ ଯେତେ ଶୀଘ୍ର ସମ୍ଭବ ଏଠିକି ଚାଲି ଆସନ୍ତୁ । ମୁଁ ଅପେକ୍ଷା କରି ରହିଛି ।

ଅପର ପଟରେ ଆଇ: ଜି: ସାହେବ ରିସିଭର ରଖିଦେଲେ । ଦୀର୍ଘଶ୍ୱାସ ପକାଇ ବିଜୟବାବୁ କ୍ରେଡ଼େଲ ଉପରେ ରିସିଭର ରଖିଲେ । ମନରେ ତାଙ୍କର ଚିନ୍ତାସ୍ରୋତ ବହିବାକୁ ଆରମ୍ଭ କରିଛି । ସ୍ମଗଲିଂର ଏକଚ୍ଛତ୍ର ସମ୍ରାଟ ୟୁସୁଫ ଖାନ୍‌କୁ ଏଭଳି ଭାବରେ ଗୁଳିକରି ହତ୍ୟା କରିବା କିଛି ସହଜକଥା ନୁହେଁ । ଦୀର୍ଘଦିନ ଧରି ପୋଲିସବାହିନୀ ତା' ସନ୍ଧାନରେ ଲାଗି ବିଫଳ ହୋଇଛନ୍ତି । ଅଥଚ···

ବିଜୟବାବୁଙ୍କ ମନରେ ସେଇ ପ୍ରଶ୍ନ ବାରମ୍ବାର ପ୍ରତିଧ୍ୱନିତ ହେବାକୁ ଆରମ୍ଭ କଲା ।

କିଏ ଏଇ ହତ୍ୟାକାରୀ ? କ'ଣ ତା'ର ଉଦ୍ଦେଶ୍ୟ ? ବିଜୟବାବୁ ଉଠି ଠିଆହେଲେ । ମନ ମଧ୍ୟରେ ତାଙ୍କର ଅସୀମ କୌତୁହଳ ଜାତ ହେଲା । ପୋଷାକପତ୍ର ଇତ୍ୟାଦି ବଦଳାବଦଳି କରି ନିଜକୁ ପ୍ରସ୍ତୁତ କରିନେବା ନିମନ୍ତେ ତାଙ୍କର ପନ୍ଦର ମିନିଟରୁ ଅଧିକ ସମୟ ଲାଗିଲା ନାହିଁ । ପ୍ରସ୍ତୁତ ହୋଇ, ମଧୁକୁ ନିର୍ଦ୍ଦେଶ ଦେଇ ବିଜୟବାବୁ ବାହାରକୁ ବାହାରି ଆସିଲେ । ଧୀର ପଦରେ ଆଗେଇଗଲେ କାର୍ ଆଡ଼କୁ । ଗ୍ରୀନ୍ ଫିଆଟ କାର୍ ।

ବିଜୟବାବୁ କାର୍ ନିକଟରେ ପହଞ୍ଚି ଲକ୍ ଖୋଲି ଦରଜା ଖୋଲିଲେ । ମାତ୍ର ଭିତରେ ଡ୍ରାଇଭିଂ ସିଟ୍‌ରେ ବସିବାକୁ ଯିବା

ସମସ୍ତରେ ଭୂତ ଦେଖିଲା ଭଳି ଚମକି ଉଠିଲେ ସେ । ଷ୍ଟିଅରିଂ ଉପରେ ପିନ୍ ଲଗାହୋଇ ରହିଛି ଖଣ୍ଡିଏ ନାଲି ରଙ୍ଗର କାଗଜ । ଗୁଡ଼ାଙ୍ଗ ହୋଇ ରହିଛି କାଗଜଟି । ବଜ୍ରପୁବାବୁ ଚତୁର୍ଦ୍ଦିଗରେ ସତର୍କ ଦୃଷ୍ଟି ବୁଲାଇ ଆଣିଲେ । ନା, କେହି କୁଆଡ଼େ ନାହାନ୍ତି ! କୌଣସି ସନ୍ଦେହଜନକ ବସ୍ତୁ ମଧ୍ୟ ତାଙ୍କ ଆଖିରେ ପଡ଼ିଲା ନାହିଁ ।

ମନେ ମନେ ବିସ୍ମିତ ହେଲେ ସେ । ସେଇ ନାଲି ରଙ୍ଗର କାଗଜ ଖଣ୍ଡିକୁ ଉଠାଇ ଆଣିଲେ । ଗୋଟାଏ ପାର୍ଶ୍ୱରେ ତାଙ୍କରି ନାମ ଆଉ ଠିକଣା ଲେଖା ଯାଇଛି ।

ବଜ୍ରପୁବାବୁ କାଗଜ ଖଣ୍ଡିକୁ କ୍ଷିପ୍ର ହସ୍ତରେ ଖୋଲି ଦେଖିଲେ । ଖଣ୍ଡିଏ ଚିଠି ! ଚିଠିଟି ତାଙ୍କର ନିକଟକୁ ଲେଖା ଯାଇଛି । ଏକ ଦାମିକା ଲେଟର ପ୍ୟାଡ଼ । ଉପରେ ରହିଛି ଏକ ଭୟଙ୍କର ସିଂହ ମୁଣ୍ଡର ଛବି । ତା' ତଳକୁ ଇଂରେଜୀରେ କେଇଟି ଧାଡ଼ି ଟାଇପ୍ କରାଯାଇଛି ।

ଚିଠିଟିର ଓଡ଼ିଆ ଅନୁବାଦ ନିମ୍ନରେ ପ୍ରକାଶ କରାଗଲା—

ଗୋଇନ୍ଦା ବଜ୍ରପୁବାବୁ !

ଆତ୍ମପ୍ରଶଂସାରେ ବିଭୋର ହୋଇ ନିଜ ମରଣ ଫାନ୍ଦରେ ପାଦ ଦିଅନ୍ତୁନି । ୟୁସୁଫ ଖାନ୍ ହତ୍ୟାକାଣ୍ଡ ନେଇ ମୁଣ୍ଡ ନ ଖେଳାଇଲେ ଭଲ । ସେଇଟା ଆମର ନିଜସ୍ୱ । ଆଶା, ଆମର ଅନୁରୋଧ ରକ୍ଷାକରି ଆପଣ ଏ କେସ୍‌ରୁ ନିଜକୁ ସଂପୂର୍ଣ୍ଣ ଦୂରେଇ ରଖିବେ । ନ ହେଲେ ଲପ୍ଟନ୍‌ସ ଆର୍ମିର ଆଦେଶ ଅବମାନନାର ଏକମାତ୍ର ଶାସ୍ତି ମୃତ୍ୟୁ । ସାବଧାନ !

'ଲପ୍ଟନ୍‌ସ ଆର୍ମି'

ଚିଠି, ଖଣ୍ଡିକୁ ପଢ଼ି ସ୍ତବ୍ଧ ହୋଇଗଲେ ବଜ୍ରପୁବାବୁ । ଲପ୍ଟନ୍‌ସ ଆର୍ମି ! ତାଙ୍କର ମନେ ହେଲା ଏଇ ନାଁ ସେ କେଉଁଠାରେ ଶୁଣିଛନ୍ତି ।

ହଁ, ମନେ ପଡ଼ିଲା । କିଛିଦିନ ତଳେ 'ଲୟନ୍‌ସ ଆର୍ମି' ନାମକ ଏକ ଭୟଙ୍କର ଅପରାଧୀ ଦଳର ଆବିର୍ଭାବ ଘଟିଥିଲା ଜାପାନ, ଜର୍ମାନ ଏବଂ ଆମେରିକା ଇତ୍ୟାଦି ଦେଶରେ । ଲୟନ୍‌ସ ଆର୍ମିର ନାଁ ଶୁଣିବା ମାତ୍ରକେ ସେଠାକାର ଜନସାଧାରଣ ଏପରି କି ପୋଲିସ ବାହିନୀ ମଧ୍ୟ ଭୟରେ ଥରି ଉଠୁଥିଲେ ।

ଏଭଳି କୌଣସି କୁକାର୍ଯ୍ୟ ନାହିଁ, ଯାହା ଏହି ଦଳର ସଦସ୍ୟ ମାନଙ୍କ ଦ୍ୱାରା ସଂଗଠିତ ନ ହୋଇଛି । କିନ୍ତୁ 'ଲୟନ୍‌ସ ଆର୍ମି' ଦଳ ହଠାତ୍ ଭାରତରେ ଉପସ୍ଥିତ ହେବାର କାରଣ ? ତା'ଛଡ଼ା ୟୁସୁଫ ଖାନ୍ ଭଳି ଜଣେ ସୁନାମ ବ୍ୟକ୍ତିଙ୍କୁ ହତ୍ୟା କରିବା ପଛରେ ତାଙ୍କର କି ଉଦ୍ଦେଶ୍ୟ ଥାଇପାରେ ।

ତା'ଛଡ଼ା ତାଙ୍କୁ ଏ ପ୍ରକାରର ଧମକପୂର୍ଣ୍ଣ ଚିଠି ଦେବା ସେ ନିତାନ୍ତ ପରିହାସର ବିଷୟ ଏ କଥା ବୋଧହୁଏ ଲୟନ୍‌ସ ଆର୍ମି ଦଳ ବୁଝିପାରି ନାହାନ୍ତି । କାରଣ ମୃତ୍ୟୁକୁ ଭୟକରି ନିଜ କର୍ତ୍ତବ୍ୟରୁ ପଛେଇ ଆସିବା ବ୍ୟକ୍ତି ବିଜୟବାବୁ ନୁହନ୍ତି ।

କାର୍ ଭିତରକୁ ଆସି ସେ ସ୍ବିଚ୍ ଘୁରାଇଲେ । ଇଞ୍ଜିନ ଷ୍ଟାର୍ଟ ହୋଇ ପରକ୍ଷଣରେ ଫିଆଟ୍ ଖଣ୍ଡିକ ଦ୍ରୁତ ବେଗରେ ଆଗେଇ ଚାଲିଲା ଆଗକୁ ।

ବିଜୟବାବୁଙ୍କ ଓଠରେ ଫୁଟି ଉଠିଲା ଏକ ରହସ୍ୟମୟ ହାସ୍ୟରେଖା । କିନ୍ତୁ, ନା ବିଜୟବାବୁ ଜାଣିପାରିଲେନି ।

ସେ କିଛିଦୂର ଆଗେଇଯିବା ପରେ ଏକ କଳା ରଙ୍ଗର ଆମ୍ବାସଡର ଷ୍ଟାର୍ଟ ହୋଇ ଗର୍ଜନ କରି ଉଠିଲା । ତା'ପରେ ଅତ୍ୟନ୍ତ ସତର୍କତା ସହକାରେ ଅନୁସରଣ କରିବାକୁ ଲାଗିଲେ ବିଜୟବାବୁଙ୍କ କାର୍‌କୁ । ବିଜୟବାବୁ ଏକଥା ଜାଣିପାରିଲେ କି ନାହିଁ, ସେକଥା ସେ ନିଜେ ଜାଣନ୍ତି ।

ହୋଟେଲ ମିଡ୍ ନାଇଟ୍ ।

କେବଳ ଓଡ଼ିଶାରେ ନାହିଁ କି, ଭାରତରେ ମଧ୍ୟ ଏହା ଏକ ଅତ୍ୟାଧୁନିକ ବିଖ୍ୟାତ ହୋଟେଲ କହିଲେ ଅତ୍ୟୁକ୍ତି ହେବ ନାହିଁ ।

ସହରର ଶେଷ ପ୍ରାନ୍ତରେ ଅବସ୍ଥିତ ହେଲେ ମଧ୍ୟ ସର୍ବଦା ଭିଡ଼ ଲାଗି ରହିଛି ହୋଟେଲ ଭିତରେ । କିନ୍ତୁ ସେ ଭିଡ଼ କେବଳ ଧନିକ ଶ୍ରେଣୀର । ଅର୍ଥ ବିନିମୟରେ ଏଠାରେ ସବୁକିଛି ବିକ୍ରୟ କରାଯାଇ ପାରେ । ଏହି ହୋଟେଲରେ ଦେଶୀ ବିଦେଶୀ ସମସ୍ତଙ୍କର ମନୋରଞ୍ଜନ ନିମନ୍ତେ ସବୁ ପ୍ରକାରର ବ୍ୟବସ୍ଥା ରହିଛି ।

ହୋଟେଲର କୌଣସି ଏକ ଭୂଗର୍ଭସ୍ଥ କୋଠରୀ ମଧ୍ୟରେ ଜୁଆ ତଥା ଅନ୍ୟାନ୍ୟ ଆଇନ ବିରୁଦ୍ଧ କାରବାର ମଧ୍ୟ ଚାଲିଛି । କିନ୍ତୁ ସେସବୁ ଜାଣିବା ଜନସାଧାରଣଙ୍କ ପାଇଁ ସମ୍ଭବ ନୁହେଁ । କେବଳ ମାତ୍ର ନିର୍ଦ୍ଦିଷ୍ଟ କେତେକ ସଭ୍ୟମାନଙ୍କ ମନୋରଞ୍ଜନ ନିମନ୍ତେ ସେସବୁର ବ୍ୟବସ୍ଥା କରାଯାଇଛି ।

ହୋଟେଲଟି ଷୋଳ ମହଲା ବିଶିଷ୍ଟ । ରହିବା ନିମନ୍ତେ ସର୍ବମୋଟ ଏକଶହ କୋଠରୀ ରହିଛି । ସେଗୁଡ଼ିକ ଆଧୁନିକ ଆସବାବପତ୍ରରେ ସୁସଜ୍ଜିତ । ଅଧିକାଂଶ ଶୀତତାପ ନିୟନ୍ତ୍ରିତ ।

ଏସବୁ ଛଡ଼ା ହୋଟେଲ ମଧ୍ୟରେ ରହିଛି ସ୍ୱତନ୍ତ୍ର ସିନେମା ଗୃହ, ସୁଇମିଂ ପୁଲ ଏବଂ ଅନ୍ୟାନ୍ୟ ।

ବିଶେଷ କରି ବିଦେଶାଗତ ଯାତ୍ରୀମାନଙ୍କର ସୁଖ ସ୍ୱଚ୍ଛନ୍ଦ୍ୟ ନିମନ୍ତେ ଏଠାରେ ସମସ୍ତ ପ୍ରକାରର ସୁବନ୍ଦୋବସ୍ତ କରାଯାଇଛି । ସେଥିପାଇଁ ବିଦେଶରୁ ଆସିଥିବା ଭ୍ରମଣକାରୀମାନଙ୍କ ସଂଖ୍ୟା ଅନ୍ୟ

ହୋଟେଲ୍‌ ତୁଳନାରେ ଅନେକ ବେଶୀ ।

ହୋଟେଲ ମିଡ଼୍‌ ନାଇଟ୍‌ର ମାଲିକ ହେଉଛନ୍ତି ଜଣେ ଆମେରିକାନ । ତାଙ୍କ ନାମ ଜନ୍‌ ହେନେରୀ । ଅବଶ୍ୟ ହୋଟେଲର ପ୍ରକୃତ ମାଲିକ ଥିଲେ ସେଠି ଭଗବାନ ଦାସ । ତାଙ୍କଠାରୁ ବର୍ଷେ ହେବ ଏଇ ହୋଟେଲଟିକୁ କିଣିନେଇ ମି. ହେନେରୀ ନିଜର ବ୍ୟବସାୟ ଆରମ୍ଭ କରିଛନ୍ତି । ହୋଟେଲରେ ଅଜସ୍ର ଅର୍ଥବ୍ୟୟ କରି ତାକୁ ନୂତନ ରୂପରେ ଆକର୍ଷଣୀୟ କରି ତୋଳିଛନ୍ତି ।

ମି: ହେନେରୀ ଅତ୍ୟନ୍ତ ଅମାୟିକ ବ୍ୟକ୍ତି । ଖୁବ୍‌ ସାଧାସିଧା ସରଳ ପ୍ରକୃତିର । ଏତେବଡ଼ ଲୋକ ହୋଇ ମଧ୍ୟ ମନରେ ତାଙ୍କର ଆଦୌ ଅହଙ୍କାର ବା ଗର୍ବ ନାହିଁ । ନିଜ ହୋଟେଲର ଯେକୌଣସି ଗ୍ରାହକଙ୍କୁ ସନ୍ତୁଷ୍ଟ କରିବା ନିମନ୍ତେ ସେ ସର୍ବଦା ସଜାଗ । ଆମେ-ରିକାନ ହେଲେ ମଧ୍ୟ ଭାରତୀୟଙ୍କ ପ୍ରତି ତାଙ୍କ ମନରେ ଅଗାଧ ଶ୍ରଦ୍ଧା ଥିବାର ଦେଖାଯାଏ ।

ରାତି ପ୍ରାୟ ନଅଟା ପାଖାପାଖି । ଶୀତଦିନ ରାତି ।

ତଥାପି ହୋଟେଲ ମିଡ଼ ନାଇଟ୍‌ର ଗ୍ରାହକ ସଂଖ୍ୟା ବୃଦ୍ଧିପାଇ ଚାଲିଛି । କମିବାର କୌଣସି ପ୍ରଶ୍ନ ନାହିଁ । ପୂରା ମହଲର ଠିକ୍‌ ମଝିଆଁ ମଝି ନିୟନ ସାଇନ୍‌ରେ ଚମକି ଉଠୁଛି କେଇଟି ଅକ୍ଷର 'ହୋଟେଲ ମିଡ଼ ନାଇଟ୍‌' ।

ପାର୍କିଂରେ ପ୍ରାୟ ଆଧୁନିକ ଧରଣର କୋଡ଼ିଏ ପଚିଶଟି କାର୍‌ ଠୁଆ ହୋଇଛି । ବିରାଟ ମୁଖ୍ୟଦ୍ୱାର ନିକଟରେ ଜଣେ ସୁସଜ୍ଜିତ ପ୍ରହରୀ । ଚତୁର୍ଦ୍ଦିଗରେ କିପରି ଏକ ରାଜକୀୟ ବାତାବରଣ ।

ଏଇ ସମୟରେ ଏକ ବିରାଟ ରୋଲସ ରୟସ୍‌ ଆସି ବ୍ରେକ୍‌ କଷିଲା ହୋଟେଲ ସାମନାରେ । ପ୍ରଥମେ ଡ୍ରାଇଭର ଦରଜା ଖୋଲି ବାହାରକୁ ବାହାରି ଆସିଲା । ପଛକୁ ଆଗେଇ ଆସି ଅତ୍ୟନ୍ତ ସମ୍ମାନ ସହକାରେ ପଛପାଖ ଦରଜା ଫିଟାଇ ଦେଲା ।

ଭିତରୁ ଓହ୍ଲାଇଲେ ଜଣେ ଯୁବକ । ପଞ୍ଜାବୀ ଯୁବକ, ଆକର୍ଷଣୀୟ ଚେହେରା, ବଳିଷ୍ଠ ସ୍ୱାସ୍ଥ୍ୟ । ଥରେ ଆଖିରେ ପଡ଼ିଲେ ଆଖି ଫେରାଇବାକୁ ଇଚ୍ଛା ହୁଏ ନାହିଁ । ଦେହରେ ମୂଲ୍ୟବାନ ପୋଷାକ, ମୁଣ୍ଡରେ ପଗଡ଼ି । ଆଖିରେ ସାମାନ୍ୟ ନୀଳ ରଙ୍ଗର ଚଷମା ।

ଯୁବକଟି କାରରୁ ଓହ୍ଲାଇବା ପରେ ଧୀର ପଦରେ ଆଗେଇ ଆସିଲେ ହୋଟେଲର ମୁଖ୍ୟ ଦୁଆର ନିକଟକୁ । ଦରୱାନ ଯୁବକଙ୍କୁ ପୂର୍ବରୁ ଦେଖି ପାରିଥିଲା । ସେ ନିକଟରେ ପହଞ୍ଚିବା ମାତ୍ରକେ ସାଲ୍ୟୁଟ ପକାଇ ଦରୱାନ ଦରଜା ଖୋଲି ଠିଆ ହେଲା । ଯୁବକଙ୍କ ମୁହଁରେ କୌଣସି ପ୍ରକାର ଭାବାନ୍ତର ପରିଲକ୍ଷିତ ହେଲା ନାହିଁ । ପୂର୍ବଭଳି ଧୀର ପଦରେ ସେ ଦରଜା ଦେଇ ଭିତରେ ପ୍ରବେଶ କଲେ ।

ହଲ ବେଶ୍ ବଡ଼ଧରଣର । ଗୁଞ୍ଜର କେଉଁ କୋଣରୁ ଝରି ପଡ଼ୁଛି ଆର୍କେଷ୍ଟ୍ରାର ସୁଆଗ ସେକଥା ବୁଝିହୁଏନା । ଗୋଟାଏ ପାଖରେ କାଉଣ୍ଟର । ରେଜିଷ୍ଟାର ଉପରେ ଝୁଙ୍କି ପଡ଼ି ଜଣେ ତରୁଣୀ କ'ଣ ଦେଖୁଥିଲା । ହଲର ପ୍ରାୟ ସମସ୍ତ ଟେବୁଲ ପୂର୍ଣ୍ଣ । କେବଳ ଗୋଟାଏ ମାତ୍ର ଟେବୁଲ ଖାଲି ରହିଛି ସେପାଖ କୋଣରେ ।

କଣ୍ଟା ଚାମୁଚର ଠୁଂଠାଂ ଶବ୍ଦ । ଦେଖାଗଲେ କେତେଜଣେ ରୂପସୀ ପରିଚାରିକା ହଲ୍‌ର ଏଣେ, ତେଣେ ବୁଲିବୁଲି ଗ୍ରାହକମାନଙ୍କୁ ଖାଦ୍ୟ ପରିବେଷଣ କରିବାରେ ଲାଗିଛନ୍ତି ।

ଯୁବକଙ୍କୁ ଦରଜା ଦେଇ ପ୍ରବେଶ କରିବାର ଦେଖି ଜଣେ ତରୁଣୀ ଛୁଟି ଆସିଲା ପାଖକୁ । ନିକଟରେ ପହଞ୍ଚି ବିନମ୍ର କଣ୍ଠରେ କହିଲା—ଆପଣ ମୋ' ସହିତ ଆସନ୍ତୁ ।' ଆପଣଙ୍କୁ କେବିନରେ ପହଞ୍ଚାଇ ଦେଇ ଆସିବି ।

ଯୁବକ ମୃଦୁହସି କହିଲେ, ଧନ୍ୟବାଦ । ବର୍ତ୍ତମାନ ପାଇଁ ମୁଁ ଏଇ ହଲ୍‌ରେ ରହିବାକୁ ଚାହେଁ ।

କୌଣସି ଦ୍ୱିରୁକ୍ତି ନ କରି ଯୁବକଟି ଯୁବକଙ୍କୁ ସାଙ୍ଗରେ ନେଇ ସେଇ କୋଣରେ ଥିବା ଟେବୁଲ ନିକଟରେ ବସାଇ ଦେଇ ଫେରିଗଲା । ସେ ଯେ ହୋଟେଲ ମିଡ୍‌ନାଇଟ୍‌ର ଅଭ୍ୟର୍ଥନାକାରିଣୀ ଏକଥାବୁଝିବା ନିମନ୍ତେ ଯୁବକର କୌଣସି ଅସୁବିଧା ହେଲା ନାହିଁ ।

ଜଣେ ସୁନ୍ଦରୀ ପରିଚାରିକା ଆସି ନିକଟରେ ଠିଆହେଲା ଆଦେଶ ଅପେକ୍ଷାରେ । ତାକୁ କିଛି ହାଲ୍‌କା ଖାଦ୍ୟର ଅର୍ଡ଼ର ଦେଲେ ଯୁବକ । ପରିଚାରିକା ଚାଲିଗଲା ।

ଯୁବକ ଜଣକ ଏଥର ହଲ୍‌ର ଚତୁର୍ଦ୍ଦିଗରେ ଥରେ ସତର୍କ ଦୃଷ୍ଟି ବୁଲାଇ ଆଣିଲେ । ପ୍ରତ୍ୟେକ ଟେବୁଲରେ ପ୍ରାୟ ଯୁବକ ଯୁବତୀଙ୍କ ଯୋଡ଼ି । ଏକାକୀ ହୋଟେଲକୁ ଆସିଥିବା ଗ୍ରାହକଙ୍କ ସଂଖ୍ୟା ପ୍ରାୟ ନଗଣ୍ୟ କହିଲେ ଚଳେ ।

ଯୁବକ ଓଠରେ ଏକ ରହସ୍ୟମୟ ହସ ଫୁଟିଉଠିଲା ।

ଏଥର ଏଇ ଯୁବକଟିର ଅସଲ ପରିଚୟ ଦରକାର ।

ପାଠକ ପାଠିକାମାନଙ୍କର ସେ ଅତ୍ୟନ୍ତ ପରିଚିତ । ଯୁବକଟି ଅପରାଜେୟ ଦସ୍ୟୁ ରଞ୍ଜନ ବ୍ୟତୀତ ଅନ୍ୟ କେହି ନୁହେଁ ।

ୟୁସୁଫ ଖାନ୍‌ର ହତ୍ୟା ପରେ, ହତ୍ୟାକାଣ୍ଡ ନେଇ ବେଶ କୌତୁହଳୀ ହୋଇ ଉଠିଛି ରଞ୍ଜନ । ସେଇଥିପାଇଁ ଆଜି ହୋଟେଲ ମିଡ୍‌- ନାଇଟ୍‌କୁ ତା'ର ଆଗମନ ।

ପକେଟ୍‌ରୁ ସିଗାର୍ ବାହାର କରି ନିଆଁ ଧରାଇଲା ରଞ୍ଜନ । ତା'ପରେ ମାଝିରେ ଧୂଆଁ ଛାଡ଼ି ଛାଡ଼ି ହଲରେ ଉପସ୍ଥିତ ଥିବା ଅନ୍ୟମାନଙ୍କୁ ତୀକ୍ଷ୍ଣ ଦୃଷ୍ଟିରେ ଲକ୍ଷ୍ୟ କରିବାକୁ ଲାଗିଲା ।

ଅଳ୍ପକ୍ଷଣ ପରେ ପରିଚାରିକା ଆଣି ଟେବୁଲ ଉପରେ ପ୍ଲେଟ ସଜାଡ଼ି ଦେଇଗଲା । ଅନ୍ୟମନସ୍କ ଥିବାର ଛଳନା କରି ରଞ୍ଜନ ଧୀରେ ଧୀରେ ସେସବୁର ସଦ୍‌ବ୍ୟବହାର କରିବାକୁ ଆରମ୍ଭ କଲା । କିନ୍ତୁ ପୂର୍ବଭଳି ତା'ର ଦୃଷ୍ଟି ନିବଦ୍ଧ ରହିଛି ହଲ୍‌ରେ ଉପସ୍ଥିତ ଲୋକମାନଙ୍କ ଉପରେ ।

ପ୍ରାୟ ପନ୍ଦର ମିନିଟ୍ ଅତିବାହିତ ହୋଇଗଲା । କିନ୍ତୁ କୌଣସି ସନ୍ଦେହପ୍ରଦ କିଛି ରଞ୍ଜନର ଦୃଷ୍ଟିଗୋଚର ହେଲା ନାହିଁ । ଅତଏବ ନିରବରେ ସେ ବସିରହି ଆହାର ପର୍ବ ଶେଷ କରିବାକୁ ଲାଗିଲେ ।

କିନ୍ତୁ···

—ବସିପାରିବି କି ?

ନରମ ମଧୁର କଣ୍ଠର ପ୍ରଶ୍ନ ଶୁଣି ରଞ୍ଜନ୍ ଚମକି ଉଠିଲା ।

ମୁହଁ ଟେକି ଦେଖିଲା ଠିକ୍ ତା'ର ଟେବୁଲ ସାମନାରେ ଠିଆ ହୋଇ ରହିଛି ଜଣେ ରୂପସୀ ଯୁବତୀ । ଆକର୍ଷଣୀୟ ରୂପରଙ୍ଗ । ଦେଖିଲେ ଆଖି ଫେରାଇବାକୁ ଇଚ୍ଛା ହୁଏନା । ଦେହରେ ନାଲିରଙ୍ଗର ଜର୍ଜେଟ ଶାଢ଼ୀ, ନୀଳ ରଙ୍ଗର ବ୍ଲାଉଜ । ମନେ ମନେ ଯୁବତୀର ରୂପର ପ୍ରଶଂସା ନକରି ରହିପାରିଲାନି ରଞ୍ଜନ । ଯୁବତୀଟି ଆଉଥରେ ମୃଦୁ ହସି ପ୍ରଶ୍ନ କଲା—ବସିପାରିବି ?

ରଞ୍ଜନ ଦେଖିଲା ଟେବୁଲର ଅପର ପଟରେ ଥିବା ଚେୟାରଟି ଖାଲି ରହିଛି । ବୋଧହୁଏ ଏଇଠି ବସିବା ନିମନ୍ତେ ଅନୁମତି ଚାହୁଁଛି ସେ । ମୃଦୁ କଣ୍ଠରେ କହିଲା—ନିଶ୍ଚୟ, ବସନ୍ତୁ ।

ଯୁବତୀ ଏଥର ଚେୟାର ଉପରେ ବସିପଡ଼ିଲା ।

ପରିଚାରିକା ଆସି ପାଖରେ ଠିଆହେଲା । ଯୁବତୀ ରଞ୍ଜନ ଆଡ଼କୁ ଲକ୍ଷ୍ୟକରି ପ୍ରଶ୍ନ କଲା—ଆପଣଙ୍କ ପାଇଁ କ'ଣ ମଗାଇବି ।

—କିଛି ନୁହେଁ, ଧନ୍ୟବାଦ ।

Deb's Library Corner...

ଯୁବତୀ ମୃଦୁ ହସିଲା । ପରିଚାରିକାକୁ କୋଲଡ୍ରିଙ୍କ ଦୁଇଟି ପାଇଁ ଅର୍ଡ଼ର ଦେଲା । ପରିଚାରିକା ଫେରିବା ପରେ ରଞ୍ଜନକୁ ମୃଦୁ କଣ୍ଠରେ ପ୍ରଶ୍ନକଲା — ଆପଣଙ୍କ ପରିଚୟ ଜାଣିବାରେ କିଛି ଅସୁବିଧା ଅଛି ?

ରଞ୍ଜନର ମଧୁର କଣ୍ଠ — ନା ନା, ଅସୁବିଧା କାହିଁକି ? ମୋ' ନାଁ ସୁରଞ୍ଜନ ସିଂ, ପ୍ରିନ୍ସ ଅଫ୍ ରାମଗଡ଼ ।

ଯୁବତୀ ଚମକି ଉଠିଲା — ପ୍ରିନ୍ସ !

ରଞ୍ଜନ ମୃଦୁ ହସି କହିଲା — ହଁ । ରାଜ୍ୟ ଗଲେ ବି ନିଜକୁ ରାଜା ବୋଲି ପରିଚୟ ଦେବାର ଶକ୍ତି ଆମର ଅଛି ।

ଯୁବତୀ କହିଲା — ନା ନା ମୁଁ ସେକଥା କହିବାକୁ ଚାହେଁ ନା । ଶୁଣନ୍ତୁ, ମୋ' ନାଁ ଲିଲି ରାୟ । ଆପଣଙ୍କ ସହ ଆଳାପ କରି ମୁଁ ନିଜକୁ ଭାଗ୍ୟବତୀ ବୋଲି ମନେ କରୁଛି ।

ରଞ୍ଜନ କେବଳ ମୃଦୁ ହସିଲା । ଆଉ କିଛି କହିଲା ନାହିଁ ।

ପରିଚାରିକା ଦୁଇଟି କୋଲ୍‌ଡ୍ରିଙ୍କ ଗ୍ଲାସ ଆଣି ଟେବୁଲ ଉପରେ ରଖିଦେଇ ଗଲା ।

ରଞ୍ଜନ ଆଡ଼କୁ ଗୋଟାଏ ଗ୍ଲାସ ବଢ଼ାଇ ଦେଲା ଯୁବତୀ । ତା'ପରେ ନିଜେ ଗୋଟାଏ ଗ୍ଲାସ ଉଠାଇ ନେଇ ସେଥିରେ ଧୀରେ ଧୀରେ ଚୁମୁକ ଦେଇ ଦେଇ ମଧୁବୋଳା କଣ୍ଠରେ କହିଲା — ଅନେକ ଦିନରୁ କୌଣସି ରାଜାଙ୍କ ସହ ଆଳାପ କରିବାର ଖୁବ୍ ଇଚ୍ଛା ଥିଲା । ସେ ଆଶା ଆଜି ପୂରଣ ହେଲା ।

ଲିଲି କଥା ଶୁଣି ରଞ୍ଜନ ହସିଉଠିଲା । ଲିଲି ଏକ ଦୃଷ୍ଟିରେ ଚାହିଁ ରହିଥିଲା ରଞ୍ଜନ ଆଡ଼େ । ସେ ଯେ ରଞ୍ଜନର ଆକର୍ଷଣୀୟ ଚେହେରା ଦେଖି ବିମୋହିତ ହୋଇ ଉଠିଛି, ଏକଥା ବୁଝିବା ନିମନ୍ତେ ରଞ୍ଜନର କୌଣସି ଅସୁବିଧା ହେଲା ନାହିଁ ।

ଲିଲି ପଚାରିଲା—ଆପଣ କ'ଣ କୌଣସି କାର୍ଯ୍ୟପାଇଁ ଏଠାକୁ ଆସିଛନ୍ତି, କିମ୍ବା···

ରଞ୍ଜନ ଉତ୍ତର ଦେଲା—ନା, କାର୍ଯ୍ୟ ଉପଲକ୍ଷେ ନୁହେଁ । ଦେଶ ଭ୍ରମଣଟା ମୋ'ର ବଡ଼ ନିଶା । ଆଶା ଅଛି ଏଇ କେଇଦିନ ଓଡ଼ିଶାରେ କଟାଇ ଦେବି ।

ମନେ ହେଲା, ଏକଥା ଶୁଣି ଲିଲି ଯେପରି ଆହୁରି ଆଗ୍ରହୀ ହୋଇ ଉଠିଲା । ଉଦ୍‌ବେଳିତ କଣ୍ଠରେ କହିଲା—ବାଃ ! ଆପଣଙ୍କ ସହ ମୋ'ର ଅନେକାଂଶରେ ସାମଞ୍ଜସ୍ୟ ରହିଛି । ଭ୍ରମଣ ନିଶା ମୋ'ର ମଧ୍ୟ ଅନେକ ବେଶୀ । ଯା'ହେଉ ସ୍ୱଦେଶରେ ଅନ୍ତତଃ ଆପଣଙ୍କ ଭଳି ଜଣେ ସମଗୋଷ୍ଠୀର ବ୍ୟକ୍ତିଙ୍କୁ ପାଇଲି ।

ରଞ୍ଜନ ଚମକି ଉଠିଲା—ମାନେ ? ଆପଣ କ'ଣ···

ଲିଲି ହସିଲା—ନା, ମୁଁ ଓଡ଼ିଶାର ନୁହେଁ । ଘରଟା ମୋର କଲିକତାରେ । ମୁଁ ଏମ୍. ଏ. ର ଛାତ୍ରୀ । ଛୁଟି ଉପଭୋଗ କରିବାକୁ ଚାଲିଆସିଛି ଓଡ଼ିଶାକୁ । ବାସ୍ତବିକ···

କଥା ଅଟକିଗଲା ଲିଲିର । ହାତ ବାଜି ଭ୍ୟାନିଟି ବ୍ୟାଗଟି ତା'ର ହଠାତ୍ ଛିଟିକି ପଡ଼ିଲା ତଳକୁ । କ୍ଲିପ୍ ଖୋଲିଯାଇ କେଇଟି ଜିନିଷ ବାହାରିପଡ଼ି ତଳେ ଖେଳେଇ ହୋଇ ପଡ଼ିଲା ।

ବ୍ୟସ୍ତ ହୋଇ ଉଠିଲା ଲିଲି । ସଙ୍ଗେ ସଙ୍ଗେ ଚେୟାର ଠେଲି ଦେଇ ସେ ତଳେ ବସିପଡ଼ିଲା । ଭ୍ୟାନିଟି ବ୍ୟାଗ୍ ଭିତରୁ ବାହାରି ପଡ଼ିଥିବା ଜିନିଷଗୁଡ଼ିକୁ ତରବର କରି ତଳୁ ଗୋଟାଇ ନେବାକୁ ଚେଷ୍ଟାକଲା ।

ଭଦ୍ରତା ଦୃଷ୍ଟିରୁ ରଞ୍ଜନ ମଧ୍ୟ ନଇଁ ପଡ଼ିଲା ଲିଲିକୁ ସାହାଯ୍ୟ କରିବାକୁ । ପାଦ ପାଖରେ ଯେଉଁ ଜିନିଷଟି ଖସି ପଡ଼ିଥିଲା, ତାକୁ ଟେକି ଆଣିଲା ରଞ୍ଜନ । କିନ୍ତୁ ଲିଲି ଆଡ଼କୁ ଜିନିଷଟିକୁ ବଢ଼ାଇ ଦେବା ସମୟରେ ଖାପଛଡ଼ା ଭାବେ ଚମକି ଉଠିଲା ସେ ।

ଜିନିଷଟି ଅନ୍ୟ କିଛି ନୁହେଁ ।

ସୁନାର ଏକ ଚେନ୍ । ମଝିରେ ଗୋଟାଏ ଲକେଟ୍ । ଲକେଟ୍ ଦେହରେ ମୀନା କାମକରା ଏକ ଭୟଙ୍କର ସିଂହମୂର୍ତ୍ତି ।

ରଞ୍ଜନର ମନେ ପଡ଼ିଲା, ଠିକ୍ ଏହିଭଳି ଏକ ଲକେଟ ସେ ୟୁସୁଫ୍ ଖାନ୍‌ର ମୃତଦେହ ନିକଟରୁ ପାଇଥିଲା । ଲକେଟ୍‌ଟି ଏ ପର୍ଯ୍ୟନ୍ତ ମଧ୍ୟ ତା' ପକେଟ ଭିତରେ ରହିଛି ।

ଅଥଚ ଠିକ୍ ଏ ପ୍ରକାର ଲକେଟ୍ ଲିଲି ରାୟଙ୍କର ଭ୍ୟାନିଟି ବ୍ୟାଗ୍ ଭିତରକୁ ଆସିଲା କେମିତି ! ଉଭୟଙ୍କ ମଧ୍ୟରେ କ'ଣ କୌଣସି ଯୋଗସୂତ୍ର ରହିଛି ! ରଞ୍ଜନ ମନରେ ସଂଶୟ ଜାଗିଉଠିଲା ।

ତା'ର, କେଜାଣି କାହିଁକି ମନେ ହେଲା, ଲିଲି ରାୟ ନିଶ୍ଚୟ ୟୁସୁଫ ଖାନ୍ ସହ ପରିଚିତ କିମ୍ବା ଉଭୟଙ୍କର ଲକ୍ଷ୍ୟ ଏକ । ଏଇ ଲକେଟ୍ ବୋଧହୁଏ ସେମାନଙ୍କର ସାଙ୍କେତିକ ଚିହ୍ନ ।

ମୁହଁ ଟେକି ଚାହିଁଲା ଲିଲି ।

ରଞ୍ଜନ ଏକ ଦୃଷ୍ଟିରେ ଲକେଟ୍ ଆଡ଼େ ଚାହିଁ କ'ଣ ଭାବୁଥିବାର ଦେଖି ସେ ଚମକି ପଡ଼ିଲା । ମୁହୂର୍ତ୍ତକ ନିମନ୍ତେ କେଜାଣି କାହିଁକି, ତା'ର ସାରା ଦେହ କମ୍ପି ଉଠିଲା । ମାତ୍ର ପରକ୍ଷଣରେ ନିଜକୁ ସମ୍ଭାଳି ନେଲା ସେ ।

ଅବଶ୍ୟ ଲିଲିର ଏକ ଆକସ୍ମିକ ପରିବର୍ତ୍ତନ ରଞ୍ଜନର ତୀକ୍ଷ୍ଣ ଦୃଷ୍ଟି ଏଡ଼ାଇଲା ନାହିଁ । କିନ୍ତୁ ନିଜର ଭାବ ଗୋପନ ରଖି ସେ ଲିଲି ହାତକୁ ଲକେଟ୍‌ଟି ବଢ଼ାଇ ଦେଇ ଦେଇ କହିଲା — ଏଇଟା ନିଅନ୍ତୁ ।

ରଞ୍ଜନ ହାତରୁ ଏକ ପ୍ରକାର ଛଡ଼େଇ ନେଇ ଲକେଟ୍‌କୁ କ୍ଷିପ୍ର ହସ୍ତରେ ନିଜ ଭ୍ୟାନିଟି ବ୍ୟାଗ ଭିତରେ ରଖିଦେଲା । ତା'ପରେ ହସିବାକୁ ଚେଷ୍ଟାକରି କହିଲା—ଧନ୍ୟବାଦ !

—ଲକେଟ୍‌ଟି ବେଶ୍ ସୁନ୍ଦର ହୋଇଛି ।

ନିନା କଣ୍ଠରେ ଚମକ—ଏଁ ? କ'ଣ କହିଲେ ? ଓ, ଲକେଟ୍‌...ହଁ ମୋ'ର ଜଣେ ବାନ୍ଧବୀ ଉପହାର ଦେଇଥିଲା ।

ପର ମୁହୂର୍ତ୍ତରେ କଥାର ଢଗ ବଦଳାଇବାକୁ ଚେଷ୍ଟା କରି ନିନା କହିଲା—ଆପଣ ହୋଟେଲ ମିଡ଼୍ ନାଇଟ୍‌ର ପୁରୁଣା ଗ୍ରାହକ ବୋଧହୁଏ ?

ରଞ୍ଜନ ହସିଲା—ନା, ଆଜି ଏଇ ପ୍ରଥମଥର ନିମନ୍ତେ ଏଠିକି ଆସିଛି । କିନ୍ତୁ ଦେଖୁଛି, ମନୋରଞ୍ଜନର କୌଣସି ସୁବିଧା ଏଠାରେ ନାହିଁ ।

—ଓ, ତା'ହେଲେ ଆସନ୍ତୁନା, ଆପଣଙ୍କୁ ଗୋଟାଏ ନୂଆ ଜିନିଷ ଦେଖାଇ ଆଣିବି । କହିସାରି ଉଠି ଠିଆହେଲା ନିନା ।

କୌତୂହଳୀ ହୋଇ ରଞ୍ଜନ ମଧ୍ୟ ଚେୟାର ଛାଡ଼ି ଉଠି ଠିଆହେଲା । ପଛରେ ଆସିବା ନିମନ୍ତେ ଇଙ୍ଗିତ ଦେଇ ନିନା କାଉଣ୍ଟର ଆଡ଼କୁ ଆଗେଇ ଗଲା । ରଞ୍ଜନ ତାକୁ ଅନୁସରଣ କରିବାକୁ ଲାଗିଲା ।

କାଉଣ୍ଟର ନିକଟରେ ପହଞ୍ଚିବା ପରେ ରଞ୍ଜନ ଲକ୍ଷ୍ୟ କଲା ଗୋଟାଏ ପାଖରେ ଏକ ଗ୍ରେଟ୍' ଦରଜା ରହିଛି । ନିକଟରେ ଜଣେ ସଶସ୍ତ୍ର ପ୍ରହରୀ । ଦରଜା ବନ୍ଦ ।

ରଞ୍ଜନ ଲକ୍ଷ୍ୟକଲା ନିନାକୁ ଦେଖି ପ୍ରହରୀ ଉଠି ଠିଆହେଲା । ପ୍ରହରୀ ସାମନାରେ ନିନା ତା'ର ଭ୍ୟାନିଟି ବ୍ୟାଗ୍ ଖୋଲି ଥରେ ସେଇ ଲକେଟ୍‌ଯୁକ୍ତ ହାରଟିକୁ ବାହାର କରି ପୁନର୍ବାର ଭିତରେ ରଖିଦେଲା । ଲକେଟ ଉପରେ ଆଖି ପଡ଼ିବା ମାତ୍ରକେ ସାଲ୍ୟୁଟ୍ ଦେଇ ପୁଣି ଠିଆହେଲା ପ୍ରହରୀ । ଗୋଟାଏ ହାତରେ ଖୋଲି ଧରିଲା ଦରଜା ।

ନିନି ପଛେ ପଛେ ରଞ୍ଜନ ମଧ୍ୟ ପ୍ରବେଶ କଲା । ପଛପଟକୁ ଦରଜା ପୁନର୍ବାର ଆଗଭଳି ବନ୍ଦ ହୋଇଗଲା ।

ଏଣିକି ସରୁ ବାରଣ୍ଡା ଲମ୍ବି ଯାଇଛି ଆଗକୁ । ବାରଣ୍ଡାରେ ଅସ୍ପଷ୍ଟ ଅନ୍ଧକାର । ରଞ୍ଜନ ଦେଖିଲା ବାରଣ୍ଡାର ଦୁଇ ପାର୍ଶ୍ୱରେ କେବଳ କାନ୍ଥ ବ୍ୟତୀତ ଅନ୍ୟ କିଛି ନାହିଁ ।

ଲିଲି ମନ୍ଥରରେ ଆଗେଇ ଚାଲିଲା ଆଗକୁ । ବାରଣ୍ଡାର ପ୍ରାୟ ଶେଷ ପ୍ରାନ୍ତରେ ପହଞ୍ଚି ହଠାତ୍ ସେ ଅଟକିଗଲା । ରଞ୍ଜନ ଦେଖିଲା କାନ୍ଥ ଦେହରେ ଏକ ଗ୍ରୀନ୍ ସୁଇଚ୍ ରହିଛି । ଲିଲି ଆଗେଇ ଯାଇ ସେଇ ସୁଇଚ୍ ଅନ୍ କରି ଦେଲା । ସଙ୍ଗେ ସଙ୍ଗେ କାନ୍ଥ ଦେହରେ ଏକ ଫାଙ୍କ ସୃଷ୍ଟି ହେଲା ।

ସର୍ ସର୍ ଶବ୍ଦରେ ସେଇ ଫାଙ୍କ କ୍ରମଶଃ ବୃଦ୍ଧି ପାଇବାକୁ ଆରମ୍ଭ କଲା । କେଇ ସେକେଣ୍ଡ ମଧ୍ୟରେ ରଞ୍ଜନ ଦେଖିଲା, କାନ୍ଥରେ ଦୁଇଜଣ ମନୁଷ୍ୟ ଏକା ସାଙ୍ଗରେ ଯାଇପାରିବା ଭଳି ଏକ ଦ୍ୱାର ଉତ୍ପନ୍ନ ହୋଇଛି ।

ଲିଲି ଫେରି ଚାହିଁଲା ରଞ୍ଜନ ଆଡ଼କୁ । ମୃଦୁହସି ପଛେ ପଛେ ଆସିବାକୁ ସଙ୍କେତ ଦେଇ ଲିଲି ଭିତରେ ପ୍ରବେଶ କଲା । ଭିତରକୁ ଆସି ରଞ୍ଜନ ଦେଖିଲା ଏଠାରେ ଏକ ଅନ୍ୟ ପରିବେଶ ।

ଏକ ମଧ୍ୟମ ଧରଣର ହଲ୍ । ସାରା ହଲ୍‌ରେ ଗାଢ଼ ନୀଳ ରଙ୍ଗର ଆଲୋକ ବିଛେଇ ହୋଇ ପଡ଼ିଛି । ଅନ୍ଧକାର ଏବଂ ଆଲୋକର ଏକ ରହସ୍ୟମୟ ପରିବେଶ । ହଲ୍ ଭିତରେ ଅନେକ-ଗୁଡ଼ିଏ ସୁନ୍ଦର ସୁନ୍ଦର ଟେବୁଲ ସଜେଇ ହୋଇ ରହିଛି । ପ୍ରତ୍ୟେକ ଟେବୁଲ ଚାରିପାଖରେ ଘେରି ବସିଛନ୍ତି ନାରୀ-ପୁରୁଷ ଯୁଗଳ । ସେ ପାଖରେ ଏକ ସୁସଜ୍ଜିତ ମଞ୍ଚ । ପାଖକୁ ଲାଗି ଅର୍କେଷ୍ଟ୍ରା ଦଳ । ହଲରେ ଗୁଞ୍ଜି ଉଠୁଛି ଅର୍କେଷ୍ଟ୍ରାର ମଧୁର ଧ୍ୱନି ଏବଂ ବିଦେଶୀ ସଙ୍ଗୀତର ସ୍ୱର । ବେଶ୍ ମଜଗୁଲ୍ କରି ଭୋଳାଉଛି ଶ୍ରୋତାବର୍ଗଙ୍କୁ ।

ପେଣ୍ଡାଲ ଉପରେ ନାଲ ଆଲୋକର ଆସ୍ତରଣ । ତା' ଭିତରେ ନିଜର ମାଦକ ଅଙ୍ଗ ପ୍ରଦର୍ଶନ କରିଚାଲିଛି ଜଣେ ଅର୍ଦ୍ଧ ନଗ୍ନ ଯୁବତୀ । ଯୁବତୀଟି ବିଦେଶିନୀ । ନିଜର ମାଂସଳ ଦେହ ପ୍ରଦର୍ଶନ କରି ଦର୍ଶକମାନଙ୍କୁ ଉତ୍ତେଜିତ କରି ତୋଳିବାର କୌଶଳ ତା' ନିକଟରେ ଯେ ଅନେକ ରହିଛି ଏକଥା ସମସ୍ତେ ସ୍ୱୀକାର କରିବେ ।

ରଞ୍ଜନ ଏଥର ବୁଝିପାରିଲା ମନୋରଞ୍ଜନ ଉଦ୍ଦେଶ୍ୟରେ ତାକୁ ଏକ କ୍ୟାବ୍‌ରେ ଡ୍ୟାନ୍‌ସ ଦେଖାଇବାକୁ ନେଇ ଆସିଛି ଲିଲି । ଅବଶ୍ୟ ତା'ର ଏଥିପ୍ରତି କୌଣସି ରୁଚି ନାହିଁ । ତେଣୁ ସେ ଆଗ୍ରହରେ ହଲ୍‌ରେ ଉପସ୍ଥିତ ଅନ୍ୟମାନଙ୍କ ଉପରେ ତୀକ୍ଷ୍ଣ ଦୃଷ୍ଟି ବୁଲାଇ ଆଣିଲା ।

ପ୍ରତ୍ୟେକ ଟେବୁଲ ଉପରେ ଦାମୀସୁ ବୋତଲ ଆଉ ଗ୍ଲାସ । ମଦ୍ୟପାନରେ ମତୁଆଲା ହୋଇ ସମସ୍ତେ ଅପଲକ ନୟନରେ ଚାହିଁ ରହିଛନ୍ତି ସେଇ ବିଦେଶିନୀ ଯୁବତୀର ନଗ୍ନ ନୃତ୍ୟ ଆଡ଼କୁ ।

ଚାରିଜଣ ଅର୍ଦ୍ଧ ନଗ୍ନ ପରିଚାରିକା ଢାଳି ଢାଳି ଦାମୀସୁ ପରିବେଷଣ କରୁଛନ୍ତି । ରଞ୍ଜନର ମନେ ହେଲା, ଏଇ ମୁହୂର୍ତ୍ତରେ ଏଭଳି ପରିବେଶ ମଧ୍ୟରୁ ସେ ବାହାରକୁ ବାହାରି ଚାଲିଯିବ । ମାତ୍ର ତା' ହେଲେ ତା'ର ଉଦ୍ଦେଶ୍ୟ ସିଦ୍ଧି ପଥରେ ବାଧା ପଡ଼ିବ । ଏକଥା ଭାବି ନିଜକୁ ଦୃଢ଼ କଲା ରଞ୍ଜନ । ଧୀର ପଦରେ ସେ ଲିଲି ପଛେ ପଛେ ଆଗେଇ ଆସିଲା ।

ଲିଲି ଏବଂ ରଞ୍ଜନ ଆଗେଇ ଆସି କୋଣରେ ଖାଲିଥିବା ଏକ ଟେବୁଲ ନିକଟରେ ବସିଲେ । ପରିଚାରିକାକୁ ଦୁଇ ପେଗ୍ ଛପୁର୍ ଆଣିବା ନିମନ୍ତେ ଆଦେଶ ଦେଲା ରଞ୍ଜନ । ତା'ପରେ ଯଥେଷ୍ଟ ଆନନ୍ଦିତ ହେବା ଭଳି ଛଳନା କରି ଲିଲିକୁ ଲକ୍ଷ୍ୟ କରି

କହିଲା—ବାଃ ! ଏଇ ହୋଟେଲରେ ଯେ ମନୋରଞ୍ଜନ ପାଇଁ ଏଭଳି ଚମତ୍କାର ବ୍ୟବସ୍ଥା ରହିଛି, ମୁଁ ବୁଝିପାରି ନଥିଲି ।

ଲିଲି ମୃଦୁହସି କହିଲା—ଏତିକି ନୁହେଁ ପ୍ରିନ୍ସ ! ଆହୁରି ଅନେକ କିଛି ରହିଛି ଏ ହୋଟେଲରେ । ଧୀରେ ଧୀରେ ଆପଣ ସବୁ କିଛି ଦେଖି ପାରିବେ ।

ପରିଚାରିକା ବିୟର୍ ଆଣି ରଖିଦେଇ ଗଲା ।

ଲିଲି ବିୟର୍ ଗ୍ଲାସ ଉଠାଇ ନେଇ ମୃଦୁ ହସି କହିଲା—ସତ କହୁଛି ପ୍ରିନ୍ସ, ଆପଣଙ୍କ ସଙ୍ଗ ସାକ୍ଷାତ ହେବା ପରେ ମୁଁ ଖୁବ୍ ଆନନ୍ଦିତ ।

ରଞ୍ଜନ ସେ କଥାର କୌଣସି ଉତ୍ତର ନ ଦେଇ ହଲର ଚାରି ପାଖରେ ଥରେ ଦୃଷ୍ଟି ବୁଲାଇ ଆଣିଲା । ସମସ୍ତେ ଏକ ଦୃଷ୍ଟିରେ ଚାହିଁ ରହିଛନ୍ତି ମଞ୍ଚ ଆଡ଼କୁ । ଇତିମଧ୍ୟରେ ଅର୍କେଷ୍ଟ୍ରା ଧ୍ୱନି ବେଶ୍ କ୍ଷିପ୍ର ହୋଇ ଉଠିଛି । ତା' ସହିତ ଚଞ୍ଚଳ ହୋଇ ଉଠୁଛି ଅର୍ଦ୍ଧନଗ୍ନ ନର୍ତ୍ତକୀର କାମୋଦ୍ଦୀପକ ଅଙ୍ଗଭଙ୍ଗୀ ।

ସେପଟରୁ ଦୃଷ୍ଟି ବୁଲାଇ ଆଣି ରଞ୍ଜନ ଲିଲି ଆଡ଼କୁ ଚାହିଁଲା । ଲିଲିର ଦୃଷ୍ଟି ସାମନା ଟେବୁଲ ଉପରେ ନିବଦ୍ଧ । ଯେପରି ଗମ୍ଭୀର ଭାବରେ ସେ କ'ଣ ଚିନ୍ତା କରୁଛି । ମୁଖମଣ୍ଡଳରେ ବିଷାଦର ଘନ ଛାୟା ।

ହଠାତ୍ ହଲର ଆଲୋକ ଲିଭିଗଲା । କେବଳ ମଞ୍ଚ ଉପରେ ଗାଢ଼ ରକ୍ତ ବର୍ଣ୍ଣର ଆଲୋକ ! ସମସ୍ତେ ଉତ୍କର୍ଣ୍ଣ ହୋଇ ଚାହିଁ ରହିଲେ ସେ ଆଡ଼କୁ । ଏଥର ନର୍ତ୍ତକୀର ପୋଷାକ ପରିବର୍ତ୍ତନର ପାଳି । ଦର୍ଶକ ଦର୍ଶିକା ଉତ୍ତେଜିତ, ରୋମାଞ୍ଚିତ ।

ରଞ୍ଜନ ଲିଲି ଆଡ଼କୁ ଚାହିଁ ଡାକିଲା—ମିସ୍ !

ଲିଲି ମୁହଁ ଟେକି ଚାହିଁଲା । ରଞ୍ଜନ ଲକ୍ଷ୍ୟକଲା କେଜାଣି କାହିଁକି ତା'ର ଆଖି ଦୁଇଟିରେ ଲୁହ ଛଳଛଳ ହେଉଛି । ମଳିନ ବିଷାଦଗ୍ରସ୍ତ ମୁଖମଣ୍ଡଳ । ବୋଧହୁଏ କୌଣସି ଦୁଃଖାନ୍ତ ବିଷୟ ଚିନ୍ତାକରି ଦୁଃଖିତ ହୋଇ ଉଠିଛି ଲିଲି ।

—କ'ଣ ହେଲା ଆପଣଙ୍କର ?

ବୋଧହୁଏ ବାସ୍ତବ ଜଗତକୁ ଫେରି ଆସିଲା ଲିଲି । କ୍ଷିପ୍ର ହସ୍ତରେ ଆଖିରୁ ଲୁହ ପୋଛି ନେଇ କହିଲା—କାହିଁ, ନାଁ ତ' । ହେବ ଆଉ କ'ଣ ?

ରଞ୍ଜନ ଗମ୍ଭୀର—ଆପଣଙ୍କୁ ଗୋଟାଏ କଥା ପଚାରିବି ମିସ୍ ରାୟ ! ଅବଶ୍ୟ ଆପଣ ମନ୍ଦ କିଛି ମନେ ନ କରନ୍ତୁ...

ଲିଲି କହିଲା—ମନେ କରିବାର କିଛି ନାହିଁ । ପଚାରନ୍ତୁ ।

—ସେଇ ଲକେଟ୍‌ଲଗା ହାରଟା ଆପଣଙ୍କର ?

ରଞ୍ଜନର ମନେହେଲା, ଯେପରି ଆଗରେ ଭୂତ ଦେଖିଥିଲେ ମଧ୍ୟ ଲିଲି ଏତେ ଜୋର୍‌ରେ ଚମକି ଉଠି ନଥା'ନ୍ତା । ଅବାକ୍ ହୋଇ ସେ ପ୍ରଥମେ ସ୍ଥିର ଦୃଷ୍ଟିରେ ରଞ୍ଜନ ଆଡ଼େ ଚାହିଁଲା କେଇ ମୁହୂର୍ତ୍ତ ।

ତା'ପରେ ଗମ୍ଭୀର କଣ୍ଠରେ ପ୍ରଶ୍ନକଲା—ହଁ, କିନ୍ତୁ ସେ ପ୍ରଶ୍ନ କାହିଁକି ?

ରଞ୍ଜନ ମୃଦୁ ହସି କହିଲା—ଗୋଟାଏ କଥା କହି ରଖିବି ମିସ୍ ରାୟ । ଆପଣ ମୋ' ଉପରେ ସମ୍ପୂର୍ଣ୍ଣ ବିଶ୍ୱାସ କରିପାରନ୍ତି ।

—କିନ୍ତୁ...

—ମୋ' ପାଖରେ ମଧ୍ୟ ଠିକ୍ ଏଇଭଳି ଏକ ଲକେଟ୍‌ଲଗା ହାର ରହିଛି ।

ରଞ୍ଜନ କଥା ଶୁଣି ଲିଲି ମୁଣ୍ଡରେ ଯେପରି ବଜ୍ର ପଡ଼ିଲା । ସେ କମ୍ପିତ କଣ୍ଠରେ କହିଉଠିଲା—ତା'ହେଲେ ଆପଣ ବି...

ରଞ୍ଜନ ହସିଲା—ନା, ଆପଣ ଯାହା ଭାବୁଛନ୍ତି ମୁଁ ତା' ନୁହେଁ । ହାରଟି ମୋର ଜଣେ ବନ୍ଧୁ ନିକଟରୁ ପାଇଛି ।

—କିଏ ଆପଣଙ୍କ ବନ୍ଧୁ ?

ୟୁସୁଫ୍ ଖାନ୍ ।

ଲିଲି ଯେପରି ପଥର । କେଇ ସେକେଣ୍ଡ । ତା'ପରେ ଦୁଇ ହାତରେ ସେ ମୁହଁ ଘୋଡ଼ାଇ ପିଲାଙ୍କ ଭଳି କାନ୍ଦି ଉଠିଲା । ଅର୍କେଷ୍ଟ୍ରାର ଝଙ୍କାର ଭିତରେ ସେ କ୍ରନ୍ଦନ ଆଉ କାହା କାନରେ ନ ବାଜିଲେ ମଧ୍ୟ, ରଞ୍ଜନ ବୁଝିପାରିଲା ଏଥିରେ ଭେଜାଲର କୌଣସି ପ୍ରଶ୍ନ ନାହିଁ ।

ରଞ୍ଜନ, ଲିଲିର ଗୋଟାଏ ହାତ ଉପରେ ନିଜ ହାତ ରଖି ସ୍ନେହସିକ୍ତ କଣ୍ଠରେ ପ୍ରଶ୍ନ କଲା—ୟୁସୁଫ୍‌କୁ ଆପଣ ଚିହ୍ନନ୍ତି ?

ଲିଲି ଏହା ଭିତରେ ନିଜକୁ କିଛି ସଂଯତ କରିନେଇଥିଲା । ଆଖିରୁ ଲୁହ ପୋଛି ଆର୍ଦ୍ର କଣ୍ଠରେ କହିଲା—ପ୍ଲିଜ୍ ! ମୋତେ ଏ ନେଇ ଆଉ କିଛି ପଚାରନ୍ତୁ ନା । ପ୍ଲିଜ୍...

ରଞ୍ଜନ ତୀକ୍ଷ୍ଣ ଦୃଷ୍ଟିରେ ଲିଲିଆଡ଼େ ଚାହିଁ ରହିଲା କିଛି ସମୟ ପର୍ଯ୍ୟନ୍ତ । ତା'ପରେ ଭପୁର୍ ଗ୍ଲାସରେ ଚୁମୁକ ଦେଉ ଦେଉ ନୀରବରେ କ'ଣ ଚିନ୍ତା କରିବାକୁ ଲାଗିଲା ।

ହଠାତ୍ ରଞ୍ଜନ ଦେଖିଲା ଜଣେ ପରିଚାରିକା ଆସି ଠିଆହେଲା ତାଙ୍କର ଟେବୁଲ ନିକଟରେ । ତା'ପରେ ଲିଲି ଆଡ଼କୁ ଝୁଙ୍କି ପଡ଼ି ଗୁପ୍ତ କଣ୍ଠରେ କ'ଣ କହିଲା । ଶୁଣିବା ମାତ୍ରକେ ଚଞ୍ଚଳ ହୋଇ ଉଠିଲା ଲିଲି । ସେଇ ମୁହୂର୍ତ୍ତରେ ସେ ଚେୟାରରୁ ଉଠି ଠିଆହେଲା ।

ପରଗୃହକା ଫେରିଗଲ ଅନ୍ୟଆଡ଼େ ।

ଲିଲି ବିବ୍ରତ କଣ୍ଠରେ ରଞ୍ଜନ ଆଡ଼କୁ ଚାହିଁ କହିଲା— ଆପଣ ଏଠି ବସି କ୍ୟାବାରେ ଦେଖନ୍ତୁ । ମୁଁ ସାଙ୍ଗେ ସାଙ୍ଗେ ଆସୁଛି ।

ରଞ୍ଜନ ଉତ୍ତରକୁ ଅପେକ୍ଷା ନ କରି ଲିଲି ଆଗେଇଗଲା । ରଞ୍ଜନ ବିସ୍ମିତ ହୋଇ ଚାହିଁଲା ଲିଲି ଆଡ଼କୁ । ଲିଲି ଦ୍ରୁତ ପଦରେ ହଲ୍‌ର ଗୋଟାଏ ପାଖକୁ ଚାଲିଗଲା । ସେଇ ଅଂଶଟି ବେଶ୍ ଅନ୍ଧକାର । ତେଣୁ ଭଲଭାବରେ କିଛି ଦେଖିବା ସମ୍ଭବପର ହେଲା ନାହିଁ ।

ସେଇ ଅନ୍ଧକାରମୟ ସ୍ଥାନରେ ପହଞ୍ଚି ଲିଲି ରଞ୍ଜନ ଆଖିରୁ ଅଦୃଶ୍ୟ ହୋଇଗଲା ।

ରଞ୍ଜନ ଆଉ କାଳବିଳମ୍ବ ନ କରି ଉଠି ଠିଆହେଲା । ଥରେ ସତର୍କ ଦୃଷ୍ଟି ବୁଲାଇ ଆଣିଲା ହଲ୍‌ର ସମସ୍ତଙ୍କ ଉପରେ । କାହାର ହେଲେ ବର୍ତ୍ତମାନ ଅବସ୍ଥା ଭଲ ନୁହେଁ । ସମସ୍ତେ ନିଶା ଜଡ଼ିତ ଦୃଷ୍ଟି ତୋଳି ଚାହିଁ ରହିଛନ୍ତି ନର୍ତ୍ତକୀ ଆଡ଼କୁ । ରଞ୍ଜନ ପ୍ରତି ଚାହିଁ ଦେଖିବାର ଆଗ୍ରହ କାହାର ନାହିଁ ।

ରଞ୍ଜନ ଏଥର ଦ୍ରୁତ ପଦରେ ଲିଲି ଯେଉଁ ଦିଗକୁ ଯାଇଥିଲା ସେଇ ଆଡ଼କୁ ଆଗେଇ ଆସିଲା । ଅନ୍ଧକାରମୟ ଅଂଶରେ ପହଞ୍ଚିବା ପରେ ରଞ୍ଜନ ଆଖିରେ ପଡ଼ିଲା ଗୋଟାଏ ଗ୍ରେଟ ଦରଜା । ଦରଜା ଭିତର ପଟରୁ ବନ୍ଦ ଥିଲା । ହ୍ୟାଣ୍ଡେଲ ଘୁରାଇ ସେ ଦରଜା ଖୋଲି ଭିତରେ ପ୍ରବେଶ କଲା ।

ଭିତରେ ପ୍ରବେଶ କରି ସେ ଦେଖିଲା କ୍ଷୁଦ୍ର ଏକ କୋଠରୀ । ଘର ପାଖରେ କାନ୍ଥ । ଅନ୍ୟ ଦରଜାର ଚିହ୍ନବର୍ଣ୍ଣ ନାହିଁ । ମନେ ମନେ ବିସ୍ମିତ ହେଲା ସେ । ଏଇ ଦରଜା ବିହୀନ ଘର ଭିତରୁ ଲିଲି କୁଆଡ଼େ ଗଲା !

Deb's Library Corner…

ଏ ଘର ଭିତରେ କୌଣସି ଗୁପ୍ତ ଦରଜା ନାହିଁତ ! ମନେ ମନେ ସେ ସାବଧାନ ହୋଇ ଉଠିଲା, କାରଣ ଏ ପ୍ରକାର ଅନୁଭୂତି ତା' ଜୀବନରେ ସେ ଅନେକଥର ଲାଭ କରିଛି ।

ଆଉ ବିଳମ୍ବ କରି କୌଣସି ଲାଭ ନାହିଁ । ଦରଜା ଭିତର ପଟରୁ ବନ୍ଦ କରିଦେଇ ରଞ୍ଜନ ସ୍ଥିର ହୋଇ କିଛି ଚିନ୍ତା କରିବାକୁ ଲାଗିଲା । ପରକ୍ଷଣରେ ପକେଟ୍ ମଧ୍ୟରୁ ପେନ୍‌ସିଲ ଟର୍ଚ୍ଚ ବାହାର କରି ଜଳାଇ, ତା' ସାହାଯ୍ୟରେ ଘର ଭିତରର ପ୍ରତ୍ୟେକ ଅଂଶ ପରୀକ୍ଷା କରିବାକୁ ଆରମ୍ଭ କଲା ।

ଭିତରେ ଜିନିଷପତ୍ର ଆଦୌ ନାହିଁ କହିଲେ ଚଳେ । କେବଳ ଖଣ୍ଡିଏ ମାତ୍ର ଟୁଲ ବ୍ୟତୀତ ଅନ୍ୟ କିଛି ନାହିଁ । ତା'ହେଲେ ? ଅବାକ୍ ହୋଇ ରଞ୍ଜନ ଚାରିଆଡ଼େ ଦୃଷ୍ଟି ଘୁରାଇବାକୁ ଲାଗିଲା । ନା, ସନ୍ଦେହଜନକ କିଛି ତା' ଆଖିରେ ପଡ଼ିଲା ନାହିଁ ।

କେବଳ ବାମପଟ କାନ୍ଥରେ ଖଣ୍ଡିଏ ଗ୍ଲେଜ ଫଟୋ ଟଙ୍ଗା ହୋଇଛି । ବଢ଼େଇ ଫଟୋ । କୌଣସି ଏକ ରମଣୀୟ ସ୍ଥାନର ଦୃଶ୍ୟ । ତା' ବ୍ୟତୀତ ଘର ମଧ୍ୟରେ ଆଉ କିଛି ନାହିଁ । ରଞ୍ଜନ ତୀକ୍ଷ୍ଣ ଦୃଷ୍ଟିରେ କ'ଣ ଚିନ୍ତାକଲା । ତା'ପରେ ହଠାତ୍ ଟୁଲକୁ ଟାଣିନେଲା କାନ୍ଥ ନିକଟକୁ, ସେଇ ଫଟୋର ଠିକ୍ ତଳକୁ ।

ଟୁଲ ଉପରେ ଉଠି ଠିଆ ହୋଇ ଟର୍ଚ୍ଚ ସାହାଯ୍ୟରେ ସେ ଫଟୋର ଚାରିପାଖ ଭଲ ଭାବରେ ଦେଖିବାକୁ ଲାଗିଲା । ଠିକ୍ ମଝିଆ ମଝି କଲ୍‌ବେଲର ସୁଇଚ ଭଳି ଏକ ଅଂଶ କାନ୍ଥରୁ ବାହାରି ଆସିଛି ବାହାରକୁ । ରଞ୍ଜନ ତା' ଉପରେ ଅଙ୍ଗୁଳି ଚାପ ଦେଲା ।

ପର ମୁହୂର୍ତ୍ତରେ ସର୍ ସର୍ ଶବ୍ଦ ଶୁଣି ସେ ଚମକି ଉଠି ଦେଖିଲା, ସେଇ ଫଟୋର ଠିକ୍ ତଳକୁ ଏକ ଗୁପ୍ତ ଦ୍ୱାର ଉନ୍ମୁକ୍ତ ହୋଇଛି । ସାମାନ୍ୟ ଫାଙ୍କ । ଜଣେ ଲୋକ ସହଜରେ ଭିତରେ

ପ୍ରବେଶ କରିପାରିବ । ରଞ୍ଜନର ଆଖି ଦୁଇଟି ଆନନ୍ଦରେ ଝଲମଲ କରି ଉଠିଲା । ତାଙ୍କୁ ଠେଲିଦେଇ ଆସି ସେ ଟୁଲଟିକୁ ଅନ୍ୟ ଆଡ଼କୁ ଠେଲି ଦେଲା । ଠିକ୍ ହାତରେ ଧରି ଗୁପ୍ତଦ୍ୱାର ନିକଟରେ ଉପସ୍ଥିତ ହେଲା । ଡାହାଣ ହାତ ପକେଟ ଭିତରେ ପୁରାଇ ନିଜର ଚିରସାଥୀ କଳା ରଙ୍ଗର ଶକ୍ତିଶାଳୀ ରିଭଲଭର୍ ବାହାର କରି ଆଣି ଧରିଲା ହାତରେ ।

ତା'ପରେ ସାବଧାନତା ସହକାରେ ପ୍ରବେଶ କଲା ଗୁପ୍ତଦ୍ୱାର ଭିତରକୁ । ପ୍ରାୟ ଦୁଇଫୁଟ ଲମ୍ବ ଏବଂ ଦୁଇଫୁଟ ଓସାରର ଏକ ଜାଗା । ଏକ ସୋପାନ ଶ୍ରେଣୀ ଅଙ୍କାବଙ୍କା ହୋଇ ଉଠିଯାଇଛି ଉପରକୁ । ଗହନ ଅନ୍ଧକାର ମଧ୍ୟରେ ଡୁବି ରହିଛି ଜାଗାଟି ।

ରଞ୍ଜନ ପାଦ ଚିପି ଚିପି ସତର୍କ ଭାବେ ପାହାଚରେ ଉପରକୁ ଉଠିବାକୁ ଲାଗିଲା । ପାହାଚ ଆସି ଶେଷ ହୋଇଛି ଆଉ ଏକ କୋଠରୀ ନିକଟରେ । ଦରଜା ବନ୍ଦ । ଦରଜା ନିକଟରେ ଟୁଲ ଉପରେ ସେପାଖକୁ ମୁହଁ କରି ବସିରହିଛି ଜଣେ ବଳିଷ୍ଠ ନିଗ୍ରୋ ପ୍ରହରୀ । ପାଖରେ କାନ୍ଥକୁ ଡେରିହୋଇ ରହିଛି ଏକ ରାଇଫଲ ।

ନିଗ୍ରୋ ପ୍ରହରୀର ଚେହେରା ଦେଖିଲେ ଯେକୌଣସି ଲୋକ ମନରେ ଭୟ ସଞ୍ଚାର ହେବା ସ୍ୱାଭାବିକ । ରଞ୍ଜନ ଯେ ଏଭଳି ଭାବରେ ଏଠାରେ ଆସି ପହଞ୍ଚିପାରିବ ଏକଥା କୋଧହୁଏ ପ୍ରହରୀ କଳ୍ପନା ସୁଦ୍ଧା କରିପାରି ନଥିଲା । ତେଣୁ ଟୁଲ ଉପରେ ବସି ଆରାମରେ ସେ ଢୋଲାଇବାକୁ ଲାଗିଥିଲା ।

ରଞ୍ଜନ ଥରେ ଭଲ ଭାବରେ ସ୍ଥାନଟିକୁ ଏବଂ ପ୍ରହରୀକୁ ନିରୀକ୍ଷଣ କରିନେଇ ଚୁପା ଚାପରେ ଆଗେଇ ଆସିଲା ଆଗକୁ । ତା'ପରେ ନିଗ୍ରୋ ଆଉ କିଛି ବୁଝିବା ପୂର୍ବରୁ ତା' ଉପରେ ଝାମ୍ପି ପଡ଼ିଲା ରଞ୍ଜନ । ନିଜର ଦୁଇ ଶକ୍ତିଶାଳୀ ହାତରେ ନିଗ୍ରୋର ଗଳା

ଗୁପ୍ତି ଧରିଲା ଜୋରରେ । ଅଚାନକ ଭାବରେ ଆକ୍ରମଣ ହୋଇଥିବା ଫଳରେ ନିଗ୍ରୋ ପ୍ରହରୀ ସେଇ ଆକ୍ରମଣର ପ୍ରତିରୋଧ କରିବାକୁ ଯାଇ ମଧ୍ୟ ପାରିଲା ନାହିଁ । କେଇ ସେକେଣ୍ଡ ମଧ୍ୟରେ ଅଚେତନ ହୋଇ ଲେଟି ପଡ଼ିଲା ତଳେ ।

ରଞ୍ଜନ ସଙ୍ଗେ ସଙ୍ଗେ ପ୍ରହରୀକୁ ଦୁଇ ହାତରେ ଉଠାଇ ଆଣି ଟୁଲ ଉପରେ ବସାଇ ଦେଲା । ତା'ପରେ ତାକୁ ଆଉଜାଇ ଦେଲା କାନ୍ଥ ଦେହକୁ । ପାଖରେ ଯଥାରୀତି ରାଇଫେଲ ଯେମିତି ରହିବାର କଥା ରହିଛି । ହଠାତ୍ ମନେ ହେବ ନିଗ୍ରୋ ପ୍ରହରୀଟି ଆରାମରେ କାନ୍ଥକୁ ଆଉଜି ଶୋଇ ପଡ଼ିଛି ।

ପ୍ରଥମ ବାଧା ଶେଷ ହେଲା । ରଞ୍ଜନ ନିଜକୁ ସଜାଡ଼ି ନେଇ ଦରଜା ନିକଟରେ ପହଞ୍ଚିଲା । ନା, ଲକ୍ ସିଷ୍ଟମ ନାହିଁ । ଦରଜା ଖୋଲା ଥିଲା । ଠେଲି ଦେଇ ଭିତରେ ପ୍ରବେଶ କଲା ରଞ୍ଜନ । ଭିତରେ ଅନ୍ଧକାର । ଅପର ପଟରେ ଆଉ ଏକ ଦରଜା । ସେଇ ଦରଜା ଦେଇ ରଞ୍ଜନ ଅନ୍ୟ ପାଖରେ ଆସି ଉପସ୍ଥିତ ହେଲା ।

ଏକ ଲମ୍ବା ବାରଣ୍ଡା । ଦୁଇ ପାଖରେ ଧାଡ଼ି ଧାଡ଼ି ହୋଇ ଘର । ପ୍ରତ୍ୟେକ ଘର ସାମନାରେ ଠିକ୍ ଦରଜା ଉପରେ ଗୋଟିଏ ଲେଖାଏଁ ନମ୍ବର ପ୍ଲେଟ ରହିଛି । ବାରଣ୍ଡାରେ ଏକ ଜିରୋ ପାୱାରର ବଲ୍ବ ଜଳୁଛି । ଅସ୍ପଷ୍ଟ ଆଲୋକ ବିଚ୍ଛେଇ ହୋଇ ପଡ଼ିଛି ଚତୁର୍ଦ୍ଦିଗରେ ।

ଚତୁର୍ଦ୍ଦିଗରେ ତୀକ୍ଷ୍ଣ ସତର୍କ ଦୃଷ୍ଟି ଘୂରାଇ ଘୂରାଇ ରଞ୍ଜନ ଆଗେଇ ଚାଲିଲା । ପ୍ରତ୍ୟେକ ଘରର ଦରଜା ବନ୍ଦ । ଭିତରେ ବୋଧହୁଏ ଅନ୍ଧକାର । କୌଣସି ଶବ୍ଦ ନାହିଁ ।

ଆଗରେ ଆସୁ ଆସୁ ଗୋଟାଏ ଜାଗାରେ ଅଟକି ସେ ଠିଆ ହେଲା ।

ରୁମ୍ ନମ୍ବର କୋଡ଼ିଏ ।

କ ହୋଲ୍ ଦେଇ ସାମାନ୍ୟ ଆଲୋକ ଆସି ବାହାରେ ପଡ଼ୁଛି । ଭିତରୁ କାହାର ଅସ୍ପଷ୍ଟ କଥା କାନରେ ବାଜିଲା । ରଞ୍ଜନ ଅଟକିଯାଇ ଆଗପଛ ଆଖି ବୁଲାଇ ଆଣିଲା । କେହି କୁଆଡ଼େ ନାହାନ୍ତି ।

ଧୀରେ ଧୀରେ ସେ ଆଗେଇ ଆସି ଦରଜା ନିକଟରେ ଠିଆ ହେଲା । ତା'ପରେ ମଣ୍ଡଟେକି ନିଜ ଆଖି ରଖି ଦେଲା କି ହୋଲ୍ ଉପରେ । ଏଥର ଭିତର ଦୃଶ୍ୟ କେତେକାଂଶରେ ସ୍ପଷ୍ଟ ହୋଇ ଉଠିଲା ରଞ୍ଜନର ଆଖି ସାମନାରେ ।

ଦେଖିଲା, ଭିତର କୋଠରୀଟି ବହୁମୂଲ୍ୟ ଆସବାବପତ୍ରରେ ସୁସଜ୍ଜିତ । ଦେଖିବା ମାତ୍ରେ ଗୃହସ୍ୱାମୀର ଗାରିମାମୟ ଆଭିଜାତ୍ୟ ସମ୍ପର୍କରେ ଯେ କେହି ଧାରଣା କରିପାରିବ ।

ଗୋଟାଏ କୋଣରେ ଏକ ବିରାଟ କଳାରଙ୍ଗର ଟେବୁଲ । ଟେବୁଲ ସେପାଖରେ ସ୍ପ୍ରିଂ ଚେୟାର ଉପରେ ବସିଛି ଜଣେ ଛଦ୍ମବେଶୀ । ଆପାଦ ମସ୍ତକ ତା'ର କଳା ପୋଷାକରେ ଢାଙ୍କି ହୋଇଛି, ହାତରେ ଏକ ଅଦ୍ଭୁତ ଧରଣର ରିଭଲଭର୍ ।

ସାମନାରେ ଅନ୍ୟ ଏକ ଚେୟାର ଉପରେ ବସିଛି ଲିଲି ବସୁ । ଦେହ ତା'ର ଚେୟାର ସହିତ ଦୃଢ଼ ଭାବରେ ବନ୍ଧା ହୋଇ ରହିଛି । ଲିଲିର ମୁଖମଣ୍ଡଳ ବିବର୍ଣ୍ଣ ଅଟେ ଆଖି ଦୁଇଟିରୁ ତା'ର ଯେପରି ଅଗ୍ନିକଣା ବିଚ୍ଛୁରିତ ହେଉଥିଲା ମନେ ହେଉଛି । ଲିଲି ନିକଟରେ ଦୁଇପାଖରେ ଦୁଇଜଣ ଭୟଙ୍କର ନିଗ୍ରୋ ଚେହେରାର ବ୍ୟକ୍ତି । ଦୁଇଜଣଙ୍କ ହାତରେ ଦୁଇଟି ବଡ଼ ଧରଣର ତୀକ୍ଷ୍ଣ ଛୁରି ।

ଭିତରେ ଏକ ଅଳ୍ପ ଶକ୍ତିସମ୍ପନ୍ନ ବଲ୍‌ବ ଜଳୁଛି । ତେଣୁ ଆଉ କିଛି ଭଲ ଭାବରେ ଦେଖିବା ରଞ୍ଜନ ପକ୍ଷରେ ସମ୍ଭବ ହେଲା ନାହିଁ । ହଠାତ୍ ତା' କାନରେ ବାଜିଲା ଏକ ଗୁରୁଗମ୍ଭୀର କଣ୍ଠ ।

—ମିସ୍ ଲିଲି ! ଦଳର ତୁମ ଉପରେ ଯଥେଷ୍ଟ ବିଶ୍ୱାସ ଥିଲା; କିନ୍ତୁ ବର୍ତ୍ତମାନ ତୁମର ଗତିବିଧି ଅତ୍ୟନ୍ତ ସନ୍ଦେହଜନକ । ଗୋଟାଏ କଥା ତୁମେ ନିଶ୍ଚୟ ଜାଣିଥିବ, ଦଳ ସହ ବିଶ୍ୱାସଘାତକତାର ଏକମାତ୍ର ଦଣ୍ଡ ହେଉଛି ଯନ୍ତ୍ରଣାଦାୟକ ମୃତ୍ୟୁ ।

ଛଦ୍ମବେଶୀ ପୂର୍ବଭଳି ଗମ୍ଭୀର କଣ୍ଠରେ କହିଲା—ଠିକ୍ ଅଛି । ୟୁସୁଫ୍ ଖାନ୍‌ର ଗୁପ୍ତ କୋଠରୀର ଖବର କେଉଁଠି ଅଛି ?

ଲିଲି ଚିତ୍କାର କରି କହିଲା—ନା, ନା ନା···ୟୁସୁଫ୍ ଖାନ୍ ସହିତ ମୋ'ର କୌଣସି ସମ୍ପର୍କ ନାହିଁ । ତା' ସମ୍ବନ୍ଧରେ କିଛି-ହେଲେ ମୁଁ ଜାଣେନା । ମୋତେ ବିଶ୍ୱାସ କରନ୍ତୁ ।

ହୋ-ହୋ ହୋଇ ହସି ଉଠିଲା ଛଦ୍ମବେଶୀ । କର୍କଶ କଣ୍ଠରେ କହିଲା—ଅଭିନୟ କରି କୌଣସି ଲାଭ ନାହିଁ ମିସ୍ ଲିଲି । ଏପର୍ଯ୍ୟନ୍ତ କେହିହେଲେ 'ଲପୁନ୍‌ସ ଆର୍ମି' ହାତରୁ ରକ୍ଷା ପାଇ ନାହାନ୍ତି । ଆଉଥରେ ପଚାରୁଛି, ଗୁପ୍ତ କୋଠରୀର ଖବର କାହିଁ ?

—ଜାଣେନା ।

ଛଦ୍ମବେଶୀର ଗୋଟାଏ ହାତ ଉପରକୁ ଉଠିଲା । ସଙ୍ଗେ ସଙ୍ଗେ ଲିଲିର ଦୁଇ ପାଖରେ ଠିଆ ହୋଇଥିବା ନିଗ୍ରୋ ଦୁଇଜଣଙ୍କ ଛୁରି ଆଗେଇ ଆସିଲା ଲିଲି ଆଡ଼କୁ । ଲିଲି ହାତରେ ସାମାନ୍ୟ ପରିମାଣରେ ବିଦ୍ଧ ହେଲା ।

ଯନ୍ତ୍ରଣାରେ ଚିତ୍କାର କରି ଉଠିଲା ଲିଲି । କହିଲା—ବିଶ୍ୱାସ କରନ୍ତୁ ବସ୍ ! ଏ ସମ୍ପର୍କରେ ମୁଁ କିଛି ଜାଣେନା ।

ପୁନର୍ବାର ରଞ୍ଜନ କାନରେ ବାଜିଲା ସେଇ ଭୟଙ୍କର ହସ । ହସ ଥମାଇ ଛଦ୍ମବେଶୀ କହିଲା—କଥା କେମିତି ଆଦାୟ

କରିବାକୁ ହୁଏ, ସେକଥା ମୁଁ ଭଲ ଭାବରେ ଜାଣେ ମିସ୍ ଲିଲି ! ମୁଁ ଜାଣେ, ୟୁସୁଫ୍ ସହିତ ତୁମର କି ପ୍ରକାର ମଧୁର ସମ୍ପର୍କ ଥିଲା । ଆଜି ବିଶ୍ୱାସଘାତକ ୟୁସୁଫ୍‌ର କି ଦଶା ଘଟିଛି ଜାଣିଛ ? ଅତଏବ···

ଲିଲି ଗାଲରେ ଏଥର ଜଣେ ନିଗ୍ରୋ ଛୁରି ଦାଗ କାଟିବାକୁ ଆରମ୍ଭ କଲା । ଝରଝର ହୋଇ ରକ୍ତ ଝରି ଆସିଲା ଗାଲରୁ । ଯନ୍ତ୍ରଣାରେ ଲିଲି ଆକୁଳ ହୋଇ ଉଠିଲା । ତଥାପି ସେ ନୀରବ । ଚୁପଚାପ ।

ରଞ୍ଜନ ବିସ୍ମିତ ହେଲା ମନେ ମନେ । ପ୍ରକୃତରେ ଯଦି ଲିଲି କିଛି ଜାଣିଥାଏ, ତା'ହେଲେ ଏଇ ଯନ୍ତ୍ରଣା ସହି ମଧ୍ୟ ପ୍ରକାଶ ନ କରିବା ତା' ଭଳି ଜଣେ କୋମଳାଙ୍ଗୀ ପକ୍ଷରେ ନିଶ୍ଚିତ ଭାବରେ ଆଶ୍ଚର୍ଯ୍ୟର ବିଷୟ । ଲିଲିର ମୁହଁ କ୍ରମଶଃ କ୍ଷତବିକ୍ଷତ ହେବାକୁ ଲାଗିଲା । ରକ୍ତାକ୍ତ ହୋଇ ଉଠିଲା ତା'ର କୋମଳ ଅଙ୍ଗପ୍ରତ୍ୟଙ୍ଗ ନରହନ୍ତାର ଛୁରିକାଘାତରେ । ତଥାପି ସେ ନୀରବ ।

ଏ ପରିସ୍ଥିତିରେ ରଞ୍ଜନ କ'ଣ କରିବ ସେକଥା ଠିକ୍ ବୁଝି ପାରିଲାନି । ବୁଝିବା ମଧ୍ୟ ଦରକାର ହେଲା ନାହିଁ । କାରଣ ଅନ୍ୟ କୌଣସି ପଦକ୍ଷେପ ନେବା ଆଗରୁ ତା' କାନରେ ବାଜିଲା କାହାର ଗମ୍ଭୀର କଣ୍ଠ । ଠିକ୍ ତା' ପଛରେ ।

—ହାତ ଦୁଇଟା ଉପରକୁ ଉଠାଅ କୁକୁର ! ନ ହେଲେ ଗୁଳିକରି ହତ୍ୟା କରିବି ।

ରଞ୍ଜନ ଚମକି ଉଠିଲା । ଅନୁଭବ କଲା ତା' ପିଠିରେ ଲାଗିଗଲା ନଳୀର ଶୀତଳ କଠିନ ସ୍ପର୍ଶ । ଅପ୍ରତ୍ୟାଶିତ ଏଇ ଆକ୍ରମଣ ସମ୍ପର୍କରେ ସେ ଆଦୌ କଳ୍ପନା କରିପାରି ନଥିଲା ।

—ହାତ ଉପରକୁ ଉଠାଅ ।

ଆକ୍ରମଣକାରୀ ପୁନର୍ବାର ଗର୍ଜନ କରି ଉଠିଲା ।

ନିରୁପାୟ ହୋଇ ରଞ୍ଜନ ହାତ ଦୁଇଟି ଉପରକୁ ଉଠାଇ ସିଧା ଠିଆହେଲା । କଣେଇ ଚାହିଁ ଦେଖିଲା ଆଗନ୍ତୁକ ଜଣେ ଶ୍ୟାମକାୟ ବ୍ୟକ୍ତି । ହାତରେ ତା'ର ରାଇଫେଲ । ରଞ୍ଜନ ପିଠିରେ ରାଇଫେଲ ଲଗାଇ ଉକ୍ତ ଲୋକଟି ଅନ୍ୟ ହସ୍ତରେ ଦରଜାରେ ଏକ ପ୍ରକାର ସାଙ୍କେତିକ ଶବ୍ଦ କରିବାକୁ ଲାଗିଲା । ଅଳ୍ପ ସମୟ ପରେ ଦରଜା ଖୋଲିଗଲା । ରଞ୍ଜନ ଦେଖିଲା, ଦରଜା ବାହାରେ ଆସି ଠିଆହେଲା ଭିତରର ସେଇ ନିଗ୍ରୋ ଦୁଇଜଣ ମଧ୍ୟରୁ ଜଣେ । ରଞ୍ଜନ ଉପରେ ଥରେ ବିସ୍ମିତ ଦୃଷ୍ଟି ବୁଲାଇ ନେଇ ସେ ପଛ ଲୋକଟି ଉଦ୍ଦେଶ୍ୟରେ କହିଲା—

—କ'ଣ ହୋଇଛି ଇସ୍‌ମାଇଲ ? ଏ କିଏ ?

ରଞ୍ଜନ ବୁଝି ପାରିଲା ତାକୁ ରାଇଫେଲ ଦ୍ୱାରା କାବୁ କରିଥିବା ଲୋକଟିର ନାମ ଇସ୍‌ମାଇଲ । ଇସ୍‌ମାଇଲ ଗର୍ବ ସହକାରେ ଉତ୍ତର ଦେଲା—ଏଇ ଲୋକଟା ବାହାର ଦରୱାନ୍‌କୁ ବେହୋଶ କରି ଚାଲି ଆସି ଏଇ ଦରଜା ପାଖରେ ଠିଆହୋଇ କ'ଣ କରୁଥିଲା ।

ନିଗ୍ରୋ ଜଣକ ତୀକ୍ଷ୍ଣ ଦୃଷ୍ଟି ବୁଲାଇ ନେଲା ରଞ୍ଜନ ପାଦ ଠାରୁ ମୁଣ୍ଡ ପର୍ଯ୍ୟନ୍ତ । ତା'ପରେ ରୁକ୍ଷ କଣ୍ଠରେ ପ୍ରଶ୍ନ କଲା—ଶାଳା, ଗୋଇନ୍ଦା ନା କ'ଣ ?

ଇସ୍‌ମାଇଲ କହିଲା—ବସ୍‌ଙ୍କ ପାଖକୁ ନେଇଯା' । ସବୁ ଜଣା ପଡ଼ିବ ।

ନିଗ୍ରୋ ଜଣକ ରଞ୍ଜନକୁ ଭିତରକୁ ଆସିବା ନିମନ୍ତେ ଇଙ୍ଗିତ ଦେଲା । ଦୁଇହାତ ତୋଳିଧରି ଭିତରେ ପ୍ରବେଶ କଲା ରଞ୍ଜନ । ଇସ୍‌ମାଇଲ ରହିଲା ବାହାରେ । ଦରଜା ପୁନର୍ବାର ଭିତର ପଟରୁ ବନ୍ଦ ହୋଇଗଲା ।

ଟେବୁଲ ନିକଟରେ ବସିଥିବା ଛଦ୍ମବେଶୀର କର୍କଶ କଣ୍ଠ ଗୁଞ୍ଜି ଉଠିଲା—ଏ ଲୋକଟା କିଏ ?

ଇସ୍‌ମାଇଲ ନିକଟରୁ ଯାହା ଶୁଣିଥିଲା, ନିଗ୍ରୋ ଜଣକ ସେ ସବୁ ଜଣାଇ ଦେଲା ଛଦ୍ମବେଶୀକୁ ।

ଲିଲିର ଆଖି ପଡ଼ିଲା ରଞ୍ଜନ ଉପରେ । ତା' ମୁଣ୍ଡରେ ବଜ୍ରପାତ ହେଲା ଯେପରି । ବିସ୍ମୟଜଡ଼ିତ କଣ୍ଠରେ ପ୍ରଶ୍ନକଲା ଏ କ'ଣ ପ୍ରିନ୍‌ସ ! ଆପଣ ଏଠି !

ରଞ୍ଜନ ଲିଲି ଉପରେ ଥରେ ଆଖି ବୁଲାଇ ଆଣି ମାଟିକୁ ଚାହିଁଲା । କୌଣସି ଉତ୍ତର ଦେଲା ନାହିଁ । ଛଦ୍ମବେଶୀର କର୍କଶ ଅଟ୍ଟହାସ୍ୟ ସାରା କୋଠରୀ ମଧ୍ୟରେ ପ୍ରତିଧ୍ୱନିତ ହେବାକୁ ଲାଗିଲା ।

...ପ୍ରିନ୍‌ସ ! ହାଃ...ହାଃ...ତା' ହେଲେ ଅନୁଚରବର୍ଗଙ୍କୁ ନେଇ ଏଠାକୁ ଆସିଛ ମିସ୍ ଲିଲି, ନୁହେଁ । ହାଃ...ହାଃ...

ରଞ୍ଜନ ଗମ୍ଭୀର କଣ୍ଠରେ କହିଲା—ନା, ମିସ୍ ଲିଲିଙ୍କ ସହିତ ମୋର କୌଣସି ପ୍ରକାରର ପୂର୍ବ ସମ୍ପର୍କ ନାହିଁ ।

ଛଦ୍ମବେଶୀ କ'ଣ ଇଙ୍ଗିତ ଦେଲା । ଅନ୍ୟ ନିଗ୍ରୋ ଜଣକ ନିଜର ତୀକ୍ଷ୍ଣ ଛୁରି ଦ୍ୱାରା ଲିଲି ବ୍ଲାଉଜ ଚିରିଦେଲା । ଏ ଦୃଶ୍ୟ ଦେଖି କ୍ରୋଧରେ ଅସ୍ଥିର ହୋଇ ପଡ଼ିଲା ରଞ୍ଜନ । ତା'ର ମନେ ହେଲା ମୁଣ୍ଡ ମଧ୍ୟରେ ଯେପରି ଉତ୍ତପ୍ତ ତରଳ ଲାଭା ସ୍ରୋତ ବହିବାକୁ ଲାଗିଛି ।

ତା'ର ସାମନାରେ ନାରୀ ନିର୍ଯ୍ୟାତନା ! ରଞ୍ଜନ ଭୁଲିଗଲା ଭୟଙ୍କର ଆତତାୟୀ ଦଳଙ୍କ ହସ୍ତରେ ସେ ବର୍ତ୍ତମାନ ବନ୍ଦୀ । ସବୁ କିଛି ଭୁଲିଯାଇ ସେ ହିଂସ୍ର ଦାନବ ଭଳି ଝାମ୍ପି ପଡ଼ିଲା ଲିଲିକୁ ଆକ୍ରମଣ କରୁଥିବା ନିଗ୍ରୋ ଉପରେ ।

କିନ୍ତୁ ତା' ଆଗରୁ ଛଦ୍ମବେଶୀ ହାତରେ ଧରିଥିବା ମେଞ୍ଚ ହଠାତ ରିଭଲଭର୍ ଗର୍ଜନ କରି ଉଠିଲା । ନା, ବୁଲେଟ୍ ନୁହେଁ,

ଏକ ଅଦ୍ଭୁତ ଧରଣର ନୀଳ ଧୂଆଁ ଭିତରୁ ଶର ବେଗରେ ଛୁଟି ଆସି ବାଜି ହେଲା ରଞ୍ଜନ ଦେହରେ ।

ପରକ୍ଷଣରେ ଅଚେତନ ହୋଇ ରଞ୍ଜନ ଲେଟି ପଡ଼ିଲା କାର୍ପେଟ ଉପରେ । ସେଇଆଡ଼େ ସ୍ଥିର ଦୃଷ୍ଟିରେ କିଛି ସମୟ ଚାହିଁ ରହି ଛଦ୍ମବେଶୀ ପୁନବାର କର୍କଶ କଣ୍ଠରେ ଅଟ୍ଟହାସ୍ୟ କରି ଉଠିଲା—ପ୍ରିନ୍‌ସ । ହାଃ···ହାଃ···

ଏଥର ନିଗ୍ରୋ ଦୁଇଜଣଙ୍କ ଆଡ଼କୁ ଫେରି ଚାହିଁ ଛଦ୍ମବେଶୀ କହିଲା—ଏଇ ପ୍ରିନ୍‌ସ ଆଉ କିଲି ଉଭୟଙ୍କୁ ନେଇ ଗୁପ୍ତ ତହଖାନା ମଧ୍ୟରେ ବାନ୍ଧିରଖ । ସାବଧାନ, ଯେପରି କୁକୁର ଦୁଇଟା ପଳାଇବାର କୌଣସି ସୁଯୋଗ ନ ପାଆନ୍ତି । ଫେରି ଆସିବା ପରେ ମୁଁ ନିଜେ ତାଙ୍କ କଥା ବୁଝିବି ।

ଛଦ୍ମବେଶୀର କଥା ଶେଷ ହେବା ମାତ୍ରକେ ଘରର ଆଲୋକ ଧପ କରି ଲିଭିଗଲା । ମୁହୂର୍ତ୍ତେ ମାତ୍ର । ତା'ପରେ ପୁନବାର ଆଲୋକ ଜଳିଉଠିବା ପରେ ନିଗ୍ରୋ ଦୁଇଜଣ ଏବଂ କିଲି ଦେଖିଲେ ଛଦ୍ମବେଶୀର ଚେୟାର ଶୂନ୍ୟ ।

ଅନ୍ଧକାର ମଧ୍ୟରେ ଛଦ୍ମବେଶୀ କେଉଁଆଡ଼େ ଅଦୃଶ୍ୟ ହୋଇ ଯାଇଛି ।

ଆଶ୍ଚର୍ଯ୍ୟ !!

ରଞ୍ଜନ ଆଖି ମେଲାଇ ଚାହିଁଲା ।

ଭିତରେ ନିରନ୍ଧ୍ର ଅନ୍ଧକାର । ଆଖିରେ କିଛି ପଡ଼ୁ ନି । କିଛି ସମୟ ସ୍ଥିର ହୋଇ ଚାହିଁ ରହିବା ପରେ କ୍ରମେ ଆଖି ଅନ୍ଧକାର ମଧ୍ୟରେ ଅଳ୍ପ ଅଳ୍ପ ଦେଖିବାକୁ ସମର୍ଥ ହୋଇ ପାରିଲା ।

ରଞ୍ଜନ ବୁଝିପାରିଲା ତା'ର ହାତ ପାଦ ବାନ୍ଧି ଦିଆଯାଇ ଏଇ ବନ୍ଦୀ ଗୃହରେ ରଖାଯାଇଛି । ବେଶ୍ ଲମ୍ବା ଚଉଡ଼ା ଘର । ଗୋଟାଏ ମାତ୍ର ଦରଜା । ବାହାରକୁ ଯିବା ବା ଭିତରେ ପ୍ରବେଶ କରିବାର ଅନ୍ୟ କୌଣସି ରାସ୍ତା ନାହିଁ ।

ଘୁଷୁରି ଘୁଷୁରି ରଞ୍ଜନ ଆସି ପହଞ୍ଚିଲା ଦରଜା ନିକଟରେ । ହାତ ଲଗାଇ ଦେଖିଲା ଦରଜାଟି କାଠର ନୁହେଁ, ଲୁହାର । ଅପର ପଟରୁ ବନ୍ଦ ରହିଛି । ଅତଏବ ପଳାୟନ କରିବାର ସମସ୍ତ ପଥ ରୁଦ୍ଧ ।

ହଠାତ୍ ରଞ୍ଜନର ଆଖି ପଡ଼ିଲା ଦରଜା ନିକଟରୁ ଅଳ୍ପ ଦୂରରେ ଆଉ ଜଣକ ଉପରେ । ବୋଧହୁଏ ତା'ରି ଭଳି କେହି ଜଣେ ବନ୍ଦୀ ।

ରଞ୍ଜନ ଘୁଷୁରି ଘୁଷୁରି ଆସି ତା' ନିକଟରେ ପହଞ୍ଚିଲା । ଦେଖିଲା ବନ୍ଦୀ ଜଣକ ଅନ୍ୟ କେହି ନୁହେଁ, ଲିଲି ରାପ୍ଟ । ଏଇ ବିପଦରେ ମଧ୍ୟ ରଞ୍ଜନର ଓଠରେ ଧୀରେ ରହସ୍ୟମୟ ହସ ଫୁଟି ଉଠି ମିଳାଇଗଲା ।

ଲିଲିର ହାତ ଦୁଇଟି ମୁକ୍ତ । ବୋଧହୁଏ ନାରୀ ବୋଲି ଭାବି ତାକୁ ମୁକ୍ତ କରି ରଖିଯାଇଛନ୍ତି ଦସ୍ୟୁଦଳ । ମାତ୍ର ପାଦ ଦୁଇଟି ବନ୍ଧନ ମୁକ୍ତ ନୁହେଁ । ରଞ୍ଜନ, ଲିଲିର ନିକଟତର ହୋଇ ଦେଖିଲା, ଲିଲି ବିସ୍ମୟ ବିସ୍ଫାରିତ ଦୃଷ୍ଟିରେ ତା'ରି ଆଡ଼କୁ ଚାହିଁ ରହିଛି ।

ରଞ୍ଜନ ମଧୁର କଣ୍ଠରେ ଡାକିଲା—ମିସ୍ ରାପ୍ଟ !

ଲିଲି ଚମକି ଉଠିଲା । ବ୍ୟାକୁଳ କଣ୍ଠରେ କହିଲା—କିଏ ? ପ୍ରିନ୍‌ସ ?

—ହଁ !

Deb's Library Corner...

ଆପଣ ଏ କ'ଣ କଲେ ପ୍ରିନ୍‌ସ ? ଜାଣି ଜାଣି ମୃତ୍ୟୁକୁ ବରଣ କଲେ କାହିଁକି ?

ରଞ୍ଜନ ମୃଦୁ ହସି କହିଲା—ସେଥିପାଇଁ ଆପଣଙ୍କର ଚିନ୍ତା କରିବାର କିଛି ନାହିଁ ମିସ୍ ରାୟ ! ନାରୀ ଉପରେ ଅତ୍ୟାଚାର ଦେଖି ଆଖିବୁଜି ସହ୍ୟ କରିବା ରଜାର ଧର୍ମ ନୁହେଁ ।

ଲିଲି କହିଲା—କିନ୍ତୁ ଆପଣ ଜାଣି ନାହାନ୍ତି ପ୍ରିନ୍‌ସ ! ଏଇ ଦସ୍ୟୁଦଳ କେଡ଼େ ଭୟଙ୍କର ! ଲାୟନ୍‌ସ ଆର୍ମି ଦଳ ହସି ହସି ଲକ୍ଷ ଲକ୍ଷ ନରହତ୍ୟା କରିପାରନ୍ତି । ଭୟ ବୋଲି ସେମାନଙ୍କ ନିକଟରେ କିଛି ନାହିଁ ।

ରଞ୍ଜନ ଚମକି ପଡ଼ିଲା—କ'ଣ କହିଲେ ? ଲାୟନ୍‌ସ ଆର୍ମି ।

—ହଁ, ଆପଣ ଏ ଦଳ ସହିତ ପରିଚିତ ?

ରଞ୍ଜନ ମୃଦୁ ହସିଲା । କୌଣସି ଉତ୍ତର ଦେଲା ନାହିଁ ।

—କିଛି କହିଲେନି ଯେ ?

—ସେ ନେଇ ବର୍ତ୍ତମାନ ଚିନ୍ତା କରିବାର ସମୟ ନୁହେଁ । ପ୍ରଥମେ ଏଠାରୁ କିପରି ମୁକ୍ତି ପାଇବାକୁ ହେବ ସେ କଥା ଚିନ୍ତା କରିବାକୁ ହେବ ।

ଏତେ ଦୁଃଖରେ ମଧ୍ୟ ହସି ପକାଇଲା ଲିଲି—ଆପଣ ଏଇ ଭୟଙ୍କର ଦସ୍ୟୁଦଳ କଥା ଜାଣି ନାହାନ୍ତି । ସେଥିପାଇଁ ମୁକ୍ତି କଥା ଚିନ୍ତାକରି ପାରୁଛନ୍ତି ।

ରଞ୍ଜନ ଗମ୍ଭୀର କଣ୍ଠରେ କହିଲା—ଆଉ ଆପଣ ମଧ୍ୟ ଦସ୍ୟୁ ରଞ୍ଜନ ସମ୍ପର୍କରେ ଜାଣି ନାହାନ୍ତି ମିସ୍ ରାୟ ।

ଲିଲି ମୁଣ୍ଡରେ ଯେପରି ବଜ୍ରପାତ ହେଲା ।

କ'ଣ କହିଲେ ?

ମୁଁ ତୁମର ପ୍ରିନ୍ସ ନୁହେଁ । ମୁଁ ଦସ୍ୟୁ ରଞ୍ଜନ ।

ଲିଲିର ମନେ ହେଲା ସେ ଯେପରି ଭୁଲ ଶୁଣିଛି । ଦସ୍ୟୁ ରଞ୍ଜନ ।

ରଞ୍ଜନ ବୋଧହୁଏ ଲିଲିର ମନକଥା ବୁଝିପାରିଲା । କହିଲା—

—ହଁ ଭଉଣୀ ! ମୁଁ ଦସ୍ୟୁ ରଞ୍ଜନ । ପ୍ରସୂନର ମୃତଦେହ ଆବିଷ୍କାର କରିବା ପରେ ତା'ର ପ୍ରକୃତ ହତ୍ୟାକାରୀକୁ ଧରିବା ନିମନ୍ତେ ମୁଁ ଆସିଛି ।

ହଠାତ୍ ପିଲଙ୍କ ପରି କଇଁକଇଁ ହୋଇ କାନ୍ଦି ଉଠିଲା ଲିଲି । ତା'ପରେ ଦୁଇ ହାତରେ ରଞ୍ଜନର ହାତ ଚିପିଧରି କହିଲା—ନା... ନା...ତୁମେ ଦସ୍ୟୁ ନୁହେଁ ଭାଇ, ଦେବତା !

ରଞ୍ଜନର ପଥର ହୃଦୟ ତରଳି ଗଲା । ଆଖି ଦୁଇଟି ତା'ର ଲୁହ ଛଳ ଛଳ ହୋଇ ଆସିଲା । ସ୍ନେହସିକ୍ତ କଣ୍ଠରେ କହିଲା—ଅଧୈର୍ଯ୍ୟ ହେବାର କିଛି ନାହିଁ ଭଉଣୀ ! ଯେକୌଣସି ଉପାୟରେ ହେଉ ତୁମକୁ ଏଇ ରଞ୍ଜନ ଭାଇ ଉଦ୍ଧାର କରି ନେଇ ପାରିବ । କିନ୍ତୁ ତା' ଆଗରୁ ମୋ'ର ଏଇ ହାତ ଦୁଇଟି ଖୋଲିଦିଅ ।

ସେକଥା ବୋଧହୁଏ ମନେ ନଥିଲା ଲିଲିର । ରଞ୍ଜନ କଥା ଶୁଣି ଯେପରି ତା'ର ସ୍ୱପ୍ନ ଭାଙ୍ଗିଗଲା । ଦ୍ରୁତ ହସ୍ତରେ ସେ ରଞ୍ଜନର ବନ୍ଧନ ଫିଟାଇବାକୁ ଆରମ୍ଭ କଲା । ଅଳ୍ପ ସମୟ ମଧ୍ୟରେ ଉଭୟେ ବନ୍ଧନ ମୁକ୍ତ ହେଲେ ।

ପ୍ରଥମେ ରଞ୍ଜନ ନିଜ ପକେଟରେ ହାତ ପୂରାଇ ଦେଲା । ଅନ୍ୟ ସମସ୍ତ ଜିନିଷ ଯଥାସ୍ଥିତ ରହିଛି । କେବଳ ଦସ୍ୟୁଦଳ ତା' ନିକଟରୁ ତା'ର ରିଭଲଭର୍ ବାହାର କରି ନେଇଛନ୍ତି । ମନେ ମନେ ହସିଲା ସେ । ରଞ୍ଜନକୁ କୌଣସି ଜଣେ ସାଧାରଣ ବ୍ୟକ୍ତି ବୋଲି

ଭାବି ସେମାନେ ବୋଧହୁଏ ଏପରି ଉପେକ୍ଷା କରି ଯାଉଛନ୍ତି । ଯା'ହେଉ, ଏତକ ତା' ପକ୍ଷରେ ଭଗବାନଙ୍କ ଆଶୀର୍ବାଦ ।

ମୁକ୍ତ ହେବା ପରେ ରଞ୍ଜନ ଲିଲିଆଡ଼େ ଚାହିଁ ପଚାରିଲା—ଗୋଟାଏ କଥା କହିବ ଲିଲି, ଆଶା କରୁଛି ନିଶ୍ଚୟ ଉତ୍ତର ପାଇବି ।

ଲିଲି କୋମଳ କଣ୍ଠରେ କହିଲା—ଗୋଟାଏ କାହିଁକି, ତୁମର ସବୁ ପ୍ରଶ୍ନର ଉତ୍ତର ମୁଁ ଦେବି । ତା' ଆଗରୁ ମୋ'ର କେଇଟା କଥା ତୁମକୁ ଜଣାଇ ଦେବା ଦରକାର ।

ରଞ୍ଜନ କୌତୁହଳୀ ହୋଇ ଚାହିଁ ରହିଲା ଲିଲି ଆଡ଼େ । ଲିଲି ଦୀର୍ଘଶ୍ୱାସ ପକାଇ ଆରମ୍ଭ କଲା—ପ୍ରକୃତରେ ୟୁସୁଫ୍ ହେଉଛନ୍ତି ମୋର ସ୍ୱାମୀ । ଦୁହେଁ ଗୋପନରେ ବିବାହ କରିଥିଲୁ । କାରଣ ଏ ସମ୍ବାଦ ପ୍ରକାଶ ପାଇଥିଲେ ଆମକୁ ଅନେକ ବିପଦର ସମ୍ମୁଖୀନ ହେବାକୁ ପଡ଼ଥା'ନ୍ତା । ଛୁଡ଼ନ୍ତୁ··· ୟୁସୁଫ୍ ଏ ଦଳର ସ୍ଥାନୀୟ ଏଜେଣ୍ଟ ଥିଲେ ।

ରଞ୍ଜନ ବିସ୍ମିତ ହୋଇ ଲିଲି କଥା ଶୁଣୁଥିଲା । ପଚାରିଲା—ତା'ପରେ ?

ଲିଲି କହି କହି ଚାଲିଲା—ଏଇ ଦଳର ପ୍ରଧାନ କାର୍ଯ୍ୟ ଥିଲା ଦେଶ ବିଦେଶରେ ବିଭିନ୍ନ ଦ୍ରବ୍ୟର ବେଆଇନ କାରବାର, ସ୍ମଗ୍‌ଲିଂ । ଅବଶ୍ୟ ତାଙ୍କ କାର୍ଯ୍ୟରେ ଦରକାର ପଡ଼ିଲେ ନରହତ୍ୟା ଥିଲା ଏକ ପିଲା ଖେଳ ଭଳି । ୟୁସୁଫ ଥିଲେ ଭିନ୍ନ ଧରଣର ଲୋକ । କ୍ରମେ ଦଳ ପ୍ରତି ତାଙ୍କର ବିତୃଷ୍ଣା ଆସିଲା । ମୋ'ର ବାରଣ ସତ୍ତ୍ୱେ ବି ସେ ଏକ ଭୟଙ୍କର କାର୍ଯ୍ୟ କରି ବସିଲେ । ଦଳର ସଞ୍ଚିତ ଥିବା କୋଟି କୋଟି ଟଙ୍କାର ମାଦକ ଦ୍ରବ୍ୟ ସେ କୌଣସି ଏକ ଗୁପ୍ତ କୋଠରୁ

ମଧ୍ୟରେ ଛପାଇ ରଖିଲେ । କିନ୍ତୁ ଦଳର ବସ୍ ଏକଥା ଜାଣିପାରିଲେ ଆଜି ତା' ଫଳରେ ୟୁସୁଫ୍‌ଙ୍କୁ ବିଭତ୍ସ ଭାବରେ ହତ୍ୟା କରାଗଲା । ମୋତେ ସେହି ଗୁପ୍ତ କୋଠରୀର ସନ୍ଧାନ ଦେଇ ଯାଇଛନ୍ତି ଯାହା ଫଳରେ···

ହଠାତ୍ ଲିଲି ପାଟିରେ ହାତ ଦେଇ ତାକୁ ଥମାଇ ଦେଲା ରଞ୍ଜନ ।

ତା'ର ମନେହେଲା କେହି ଯେପରି ବାହାରେ ଧୀର ପଦରେ ଆଗେଇ ଆସୁଛି ଏଇ ଆଡ଼କୁ । ରଞ୍ଜନ ବିଦ୍ୟୁତ୍ ବେଗରେ ଉଠି ବସିଲା । ଲିଲିକୁ ପ୍ରସ୍ତୁତ ହେବାକୁ କହି ସେ ଆଗେଇ ଆସି ଠିଆ ହେଲା ଦରଜା ନିକଟରେ ।

ଲିଲି ବୋଧହୁଏ ରଞ୍ଜନର ସଙ୍କେତ ବୁଝିପାରିଲା । ସେ ନିଜକୁ ସ୍ଥିର ନିଶ୍ଚଳ କରି ଶୋଇ ରହିଲା । ଦେଖିଲେ ମନେ ହେବ ସେ ଗଭୀର ନିଦ୍ରାରେ ଆଚ୍ଛନ୍ନ ।

ଠିକ୍ ଦରଜା ନିକଟରେ ହିଂସ୍ର ପଶୁରାଜ ଭଳି ରଞ୍ଜନ ଅପେକ୍ଷା କରିବାକୁ ଲାଗିଲା ଶିକାରକୁ ।

କେଇ ମୁହୂର୍ତ୍ତ ।

ରଞ୍ଜନ ଦେଖିଲା ଅପର ପଟରେ ଖଟ୍‌କରି କ'ଣ ଶବ୍ଦ ହେଲା । ତାଲା ଖୋଲିବାର ଶବ୍ଦ । ଧୀରେ ଧୀରେ ଦରଜା ଖୋଲିଗଲେ । ଭିତରେ ଆସି ପଡ଼ିଲା ମ୍ଳାନ ଆଲୋକ ।

ଦେଖାଗଲା ଜଣେ ବଳିଷ୍ଠ ବ୍ୟକ୍ତି ଭିତରେ ପ୍ରବେଶ କଲା । ହାତରେ ତା'ର ହଣ୍ଟର୍ । ଦେହରେ ଗାଢ଼ କଳାରଙ୍ଗର ପୋଷାକ ।

ରଞ୍ଜନର ବୁଝିବାରେ ଅସୁବିଧା ହେଲା ନାହିଁ । ଲୋକଟି ନିଶ୍ଚୟ ଲିଲି ଏବଂ ତା' ନିକଟରୁ କଥା ଆଦାୟ କରିବା ନିମନ୍ତେ

ଆସିଛି । ତା' ନ ହୋଇଥିଲେ ହଣ୍ଟର ହାତରେ ଏଠିକି ଆସିବାର କୌଣସି ପ୍ରସ୍ତୁତ କରିନେଲା ନିଜକୁ ।

ଲୋକଟି ଭିତରେ ପ୍ରବେଶ କରି ପଛକୁ ଫେରି ନ ଚାହିଁ ଦୁଇ ହାତରେ ଦରଜା ଆଉଜାଇ ଆଣିଲା । ଠିକ୍ ସେଇ ସମୟରେ ବିଦ୍ୟୁତ୍ ବେଗରେ ରଞ୍ଜନ ଝାମ୍ପି ପଡ଼ିଲା ଲୋକଟି ଉପରକୁ ।

ଲୋକଟିର ଦୃଷ୍ଟି ଲିଲି ଉପରେ ନିବଦ୍ଧ ଥିଲା । ତା'ଛଡ଼ା ତା' ଉପରେ ଯେ ଏଭଳି ଆକ୍ରମଣ କେହି କରିପାରେ ଏ ବିଶ୍ୱାସ ତା'ର ନଥିଲା । ତେଣୁ ଭଲଭାବରେ କିଛି ବୁଝିବା ପୂର୍ବରୁ ରଞ୍ଜନର ଲୌହସଦୃଶ ବାହୁଯୁଗ୍ମ ଆସି ତା' ଗଳାରେ ପଡ଼ିଲା ।

କେଇ ସେକେଣ୍ଡ ମାତ୍ର । ତା'ପରେ ଲୋକଟିର ଆଖି ଦୁଇଟି ବିସ୍ଫାରିତ ହେଲା । ଜିଭ ବାହାରି ଆସିଲା ବାହାରକୁ । ନିସ୍ପନ୍ଦ, ପ୍ରାଣହୀନ ଦେହ ତା'ର ଝୁଲି ପଡ଼ିଲା ରଞ୍ଜନ ବାହୁ ଉପରେ ।

ରଞ୍ଜନ ବୁଝିଲା ଲୋକଟିର ପ୍ରାଣବାୟୁ ଉଡ଼ିଯାଇଛି । ତାକୁ ତଳେ ଶୁଆଇ ଦେଇ ସେ ଝୁଙ୍କି ପଡ଼ିଲା । କ୍ଷିପ୍ର ହସ୍ତରେ ସେ ଲୋକଟି ଦେହରୁ ସମସ୍ତ ପୋଷାକ ଓହ୍ଲାଇ ନେଲା । ନିଜ ପୋଷାକ ଭଲ ଭାବରେ ପିନ୍ଧାଇ ଦେଲା ତାକୁ । ନିଜେ କଳା ପୋଷାକରେ ଆଚ୍ଛାଦିତ କରିନେଲା ନିଜକୁ ।

ବାସ୍ । ତା'ପରେ ଲିଲି ଏବଂ ରଞ୍ଜନ ଦୁହେଁ ମିଶି ଲୋକଟିକୁ ଭଲ ଭାବରେ ବାନ୍ଧିଦେଇ ଶୁଆଇ ଦେଲେ ଗୋଟାଏ କୋଣରେ । ବାହାରୁ କେହି ଦେଖିଲେ ମନେ ହେବ ରଞ୍ଜନ ବନ୍ଧନ ଅବସ୍ଥାରେ ମୁହଁ ମାଡ଼ି ଶୋଇ ପଡ଼ିଛି ।

କାର୍ଯ୍ୟରୁ ନିବୃତ୍ତ ହୋଇ ରଞ୍ଜନ ଉଠି ଠିଆହେଲା । ସତର୍କ ପଦରେ ସେ ଆଗେଇ ଆସିଲା ଦରଜା ନିକଟକୁ । ଦରଜା ଖୋଲି

ଧୀରେ ଧୀରେ ମୁଣ୍ଡ ଗଳାଇ ବାହାରକୁ ଚାହିଁଲା । କେହ କୁଆଡ଼େ ନାହାନ୍ତି । ଅପର ପାଖରେ ଏକ କ୍ଷୁଦ୍ର କୋଠରୀ ।

ସାମାନ୍ୟ ଆଲୋକରେ ରଞ୍ଜନ ଦେଖିଲା କୋଠରୀ ମଧ୍ୟରେ କୌଣସି ଆସବାବପତ୍ର ନାହିଁ । ଲାଲାକୁ ବାହାରକୁ ଆସିବା ନିମନ୍ତେ ସଙ୍କେତ ଦେଲା । ଲାଲା ବାହାର ଆସିଲା ବାହାରକୁ ।

ଦରଜା ଦେହରେ ତାଲା ଏବଂ ଚାବିକାଠି ଝୁଲୁଥିଲା । ବାହାର ଆସି ଦରଜା ବନ୍ଦ କରିଦେଲା ଲାଲା । ତାଲା ଝୁଲାଇ ଦେଲା ଆଗଭଳି ।

କିନ୍ତୁ ଏଥର ଦୁହେଁ ଯେଉଁ ଅନ୍ୟ କୋଠରୀ ଭିତରେ ଆସି ପହଞ୍ଚିଲେ । ସେଠାରେ ମଧ୍ୟ ସେଇ ଏକମାତ୍ର ଲୁହା ଦରଜା । ଅର୍ଥାତ୍ ବାହାରିବାର ସମସ୍ତ ପଥ ରୁଦ୍ଧ ।

ଚିନ୍ତିତ ହୋଇ ଉଠିଲା ରଞ୍ଜନ । ଏ ପରିସ୍ଥିତିରେ କ'ଣ କରିବ କିଛି ବୁଝିପାରିଲା ନାହିଁ । ଚିନ୍ତା କରି କରି ସେ ଦରଜା ନିକଟରେ ଆସି ଠିଆହେଲା । ହଠାତ୍ ତା'ର ପାଦ ପଡ଼ିଲା ଦରଜା ନିକଟରେ ଥିବା ପାବଚ୍ଛ ଉପରେ । ସଙ୍ଗେ ସଙ୍ଗେ ସେ ଆଶ୍ଚର୍ଯ୍ୟ ହୋଇ ଦେଖିଲା ଲୁହା ଦରଜା ଦେହରେ ଏକ ବିରାଟ ଗର୍ତ୍ତ ସୃଷ୍ଟି ହେଲା । ଜଣେ ମଣିଷ ସହଜରେ ଏପାଖରୁ ସେପାଖକୁ ଯାଇ-ପାରିବ ।

ରଞ୍ଜନ ଆଉ କାଳବିଳମ୍ବ ନକରି ଲାଲାକୁ ଆସିବାକୁ ସଙ୍କେତ ଦେଲା । ପରେ ମଧ୍ୟ ଦେଇ ଦୁହେଁ ବାହାରେ ଆସି ଠିଆ ହେଲେ ।

କିନ୍ତୁ ପରକ୍ଷଣରେ ଯେଉଁ ଦୃଶ୍ୟ ଦେଖିଲେ ସେଥିରେ ଲାଲା ଭୟରେ ଚମକି ପଡ଼ିଲା । ରଞ୍ଜନର ପାଦ ଦୁଇଟି ଥରିହେଲା ଭଳି ଲାଗିଲା । ରଞ୍ଜନ ଆଶ୍ଚର୍ଯ୍ୟ ହୋଇ ଦେଖିଲା, ଦୁଇଜଣ ଖୁମ୍କାୟ

ବ୍ୟକ୍ତି ଦୁଇଟି ରାଇଫଲ ଉଞ୍ଚାଇ ତାଙ୍କ ସାମନାରେ ଠିଆହୋଇ ରହିଛନ୍ତି ।

ରଞ୍ଜନ ବୁଝିଲା, ଏଥର ତାଙ୍କର ନିସ୍ତାର ନାହିଁ । ଦସ୍ୟୁଦଳ ନିଶ୍ଚୟ ସେମାନଙ୍କୁ ହତ୍ୟା କରିବେ । ଠିକ ଏତିକିବେଳେ ତା' କାନରେ ଜଣେ ଦସ୍ୟୁର ଗମ୍ଭୀର କଣ୍ଠସ୍ୱର ବାଜିଲା—କ'ଣ ହୋଇଛି ଇସ୍‌ମାଇଲ ! ଏ ଝିଅକୁ ନେଇ କୁଆଡ଼େ ଯାଉଛୁ ?

ରଞ୍ଜନ ମନରେ ଯେପରି ଏଇ କଥା ପଦକ ଶୁଣି ସାହସର ସଞ୍ଚାର ହେଲା । ସେ ବୁଝିପାରିଲା, ଦସ୍ୟୁଦଳ ତାକୁ ସେମାନଙ୍କର ଦଳର ଇସ୍‌ମାଇଲ ବୋଲି ଭାବିଛନ୍ତି । ତାକୁ ଏଇ ଭ୍ରମର ସୁଯୋଗ ନେବାକୁ ହେବ । କାଶିବାର ଛଳନା କରି ଗମ୍ଭୀର କଣ୍ଠରେ ରଞ୍ଜନ କହିଲା—ବସ୍‌ଙ୍କ ଆଦେଶ । ଶୀଘ୍ର ଝିଅଟିକୁ ତାଙ୍କ ନିକଟରେ ପହଞ୍ଚାଇବାକୁ ହେବ ।

ଦସ୍ୟୁ କହିଲା—କିନ୍ତୁ ବସ୍ ବର୍ତ୍ତମାନ ହେଡ୍ କ୍ୱାର୍ଟରରେ । ଆଚ୍ଛା, ପାସ୍ କାହିଁ ?

ରଞ୍ଜନର ମନେ ହେଲା ଦସ୍ୟୁ ଦୁଇଜଣଙ୍କର ତା' ଉପରେ ସନ୍ଦେହ ହୋଇଛି । ସନ୍ଦେହ ଅର୍ଥ ମୃତ୍ୟୁ । ଦ୍ରୁତ ଚିନ୍ତା କରିବାକୁ ଲାଗିଲା ସେ । ଏପରି ଘଟଣା ତା' ଜୀବନରେ ଅବଶ୍ୟ ଅନେକଥର ଘଟିଛି । ଯେକୌଣସି ପ୍ରକାରେ ହେଉ ତାକୁ ଏଇ ଦସ୍ୟୁଦଳଙ୍କ ହାତରୁ ମୁକ୍ତ ପାଇବାକୁ ହେବ ।

ପାସ୍ ବାହାର କରିବା ଆଳରେ ପକେଟ୍ ଆଡ଼କୁ ହାତ ନେଲା ରଞ୍ଜନ । ଲକ୍ଷ୍ୟକଲା, ଜଣେ ଦସ୍ୟୁ ତୀକ୍ଷ୍ଣ ଦୃଷ୍ଟିରେ ଚାହିଁଲା ଲିଲି ଆଡ଼କୁ । ଅନ୍ୟ ଜଣଙ୍କର ଦୃଷ୍ଟି ରଞ୍ଜନ ମୁହଁ ଉପରେ ନିବଦ୍ଧ ।

ବାମ୍ ପାର୍ଶ୍ୱରେ ସ୍ପ୍ରିଙ୍ଗ୍ ଭଳି ଛିଟ୍‌କି ଉଠିଲା ରଞ୍ଜନର ଦେହ । ବିଦ୍ୟୁତ୍ ବେଗରେ ତା'ର ଗୋଟିଏ ହାତର ଶକ୍ତ ଘୁଷା ଆସି ବାଜିଲା ଜଣେ ଦସ୍ୟୁ ନାକରେ ଏବଂ ଅନ୍ୟ ହାତରେ ଛଡ଼ାଇ ନେଲା ରାଇଫଲଟିକୁ ।

ଅନ୍ୟ ଦସ୍ୟୁ ଜଣକ କିଛି ବୁଝିବା ଆଗରୁ ତା' ମୁଣ୍ଡରେ ବାଜିଲା ରାଇଫଲର ଶକ୍ତ ପ୍ରହାର । ନିଜକୁ ସମ୍ଭାଳି ନ ପାରି ସେ ତଳେ ଟଳିପଡ଼ିଲା । ଅନ୍ୟ ଦସ୍ୟୁ ଜଣକ ନିଜକୁ ସମ୍ଭାଳି ନେଇ ଆକ୍ରମଣ କରିବାକୁ ଉଦ୍ୟମ କରୁଥିଲା । ମାତ୍ର ତା' ପୂର୍ବରୁ ଲିଲି ଦ୍ରୁତ ହସ୍ତରେ ରାଇଫଲ ଉଠାଇ ଆଣି ଆଘାତ କଲା ତା' ମୁଣ୍ଡ ଉପରେ ।

ଦସ୍ୟୁ ଟଳିପଡ଼ିଲା ତଳେ । ଘଟଣାଟି ଅତ୍ୟନ୍ତ ଦ୍ରୁତ ଭାବରେ ଘଟିଗଲା । ରଞ୍ଜନର ଅଦ୍ଭୁତ କାର୍ଯ୍ୟ ଦେଖି ମନେ ମନେ ସ୍ତବ୍ଧ ହୋଇଗଲା ଲିଲି । ରଞ୍ଜନ ଆଉ ବିଳମ୍ବ ନକରି ଲିଲି ହାତଧରି ଟାଣିନେଇ ଚାଲିଲା ଆଗକୁ ।

ଆଗରେ ଏକ କରିଡର, ବାମ ପାଖରେ ପାହାଚ । ବୋଧ ହୁଏ ଉପର ମହଲାକୁ ଯାଇଛି । ହଠାତ୍ ରଞ୍ଜନ କାନରେ ବାଜିଲା କରିଡର ଦେଇ କେହି ଦ୍ରୁତ ପଦକ୍ଷେପରେ ଆଗେଇ ଆସୁଛି ଏଇ ଆଡ଼କୁ ।

ବିଦ୍ୟୁତ୍ ବେଗରେ ଘୁରିପଡ଼ି ରଞ୍ଜନ, ଲିଲିର ହାତ ଟାଣି-ନେଇ ପାହାଚ ଆଡ଼କୁ ଛୁଟିଲା । ଦୁହେଁ ପ୍ରାଣପଣେ ପାହାଚ ଦେଇ ଉପରକୁ ଉଠିବାକୁ ଆରମ୍ଭ କଲେ ।

ପାହାଚ ପରେ ପାହାଚ ଅତିକ୍ରମ କରି ରଞ୍ଜନ ଏବଂ ଲିଲି ଆସି ଉପରେ ପହଞ୍ଚିଲେ । ଖୋଲା ଜାଗା, ରଞ୍ଜନ ବିସ୍ମିତ ହୋଇ

ଦେଖିଲା, ସେମାନେ ଆସି ହୋଟେଲର ଛାତ ଉପରେ ପହଞ୍ଚିଛନ୍ତି ।

ପଳାୟନର ସମସ୍ତ ପଥ ରୁଦ୍ଧ ।

ତଥାପି ଧୈର୍ଯ୍ୟ ସହକାରେ ରଞ୍ଜନ ଚତୁର୍ଦ୍ଦିଗକୁ ପରୀକ୍ଷା କରି ଦେଖିବାକୁ ଲାଗିଲା । କ'ଣ ଭାବି ଛାତରେ ଥିବା ବାଡ଼ ଉପରକୁ ଝୁଙ୍କି ପଡ଼ି ସେ ଚାହିଁଲା ତଳକୁ । କ'ଣ ଦେଖିଲା କେଜାଣି, ଆନନ୍ଦରେ ତା'ର ମୁହଁ ଝଲମଲ କରି ଉଠିଲା ।

ଦ୍ରୁତପଦରେ ସେ ଲିଲି ନିକଟକୁ ଫେରି ଆସିଲା । ତା'ପରେ ଲିଲିକୁ କିଛି ବୁଝିବାର ସମୟ ନ ଦେଇ ଦୁଇ ହାତରେ ତାକୁ ନିଜ କାନ୍ଧ ଉପରକୁ ଉଠାଇ ନେଲା । ଲିଲି କୌଣସି ବାଧା ଦେଲା ନାହିଁ ।

ଏଥର ତାକୁ କାନ୍ଧରେ ପକାଇ ଅବଲୀଳାକ୍ରମେ ରଞ୍ଜନ ଛାତର ସେଇ ପାଖକୁ ଦ୍ରୁତ ପଦରେ ଆଗେଇ ଚାଲିଲା ।

ହଠାତ୍ ଭୟରେ ଆଖି ବୁଜି ହୋଇଗଲା ଲିଲିର । ରଞ୍ଜନ କ'ଣ ମନୁଷ୍ୟ ନା ପ୍ରେତ ।

ଲିଲିକୁ କାନ୍ଧରେ ନେଇ ବାଡ଼ାଧରି ହଠାତ୍ ରଞ୍ଜନ ଟୁଙ୍କି ପଡ଼ିଲା ତଳକୁ । ଝୁଲି ଝୁଲି ଗୋଟାଏ ହାତରେ ବାଡ଼ାଧରି ଅନ୍ୟ ହାତ ତଳକୁ ଝୁଲାଇ କ'ଣ ଖୋଜିବାକୁ ଲାଗିଲା ।

କେଇ ସେକେଣ୍ଡ ।

ହଠାତ୍ ସେ ଜୋରେ ଗୋଟାଏ ଝଟକା ଦେଇ ଛିଟିକି ପଡ଼ିଲା ତଳକୁ । ଭୟରେ ରଞ୍ଜନକୁ ଜାବୁଡ଼ି ଧରିଲା ଲିଲି । ଆଖି ବନ୍ଦ

କରିଦେଲା । ମାତ୍ର ଅଳ୍ପ ସମୟ ପରେ ଆଖି ଖୋଲି ଦେଖିଲା, ଏକ ପାଣି ପାଇପ୍ ସାହାଯ୍ୟରେ ବିଲେଇ ଭଳି ସହଜରେ ଓହ୍ଲାଇ ଯାଉଛି ରଞ୍ଜନ, ତଳକୁ ତଳକୁ । କାନ୍ଧରେ ପୂର୍ବଭଳି ଝୁଲି ରହିଛି ଲିଲି ।

ଲିଲିର ମନେ ହେଲା ଦସ୍ୟୁ ରଞ୍ଜନ ଯୁବକ ହେଲେ ମଧ୍ୟ ତା' ଦେହରେ ରହିଛି ଅସୁର ଭଳି ଶକ୍ତି ଆଉ ଅସାଧାରଣ ବୁଦ୍ଧି । ଅଳ୍ପ ସମୟ ପରେ ରଞ୍ଜନ ତଳେ ପାଦଦେଲା ।

ସିଧାହୋଇ ଠିଆ ହେବା ପରେ ଲିଲିକୁ ଓହ୍ଲାଇ ଦେଲା ନିଜ କାନ୍ଧ ଉପରୁ । ଲିଲି ଠିଆହେଲା । ବର୍ତ୍ତମାନ ସମସ୍ୟା ରତନ ମଧ୍ୟ କାର୍ ନେଇ ସାମନା ପଟରେ ଅପେକ୍ଷା କରି ରହିଛି ।

ରଞ୍ଜନଙ୍କୁ ଏ ନିମନ୍ତେ ବିଶେଷ ଚିନ୍ତା କରିବାକୁ ହେଲା ନାହିଁ । ପାଖରେ ଖସ୍ ଖସ୍ ଶବ୍ଦ ଶୁଣି ଚମକି ଉଠି ସେ ଫେରି ଚାହିଁଲା । ଦେଖିଲା ଅସ୍ପଷ୍ଟ ଅନ୍ଧକାର ମଧ୍ୟରେ କେହି ଜଣେ ଏ ଦିଗକୁ ଦ୍ରୁତ ପଦରେ ଚାଲି ଆସୁଛି ।

ଭାଗ୍ୟ ଭଲ, ଏପଟରେ କୌଣସି ଆଲୋକ ନାହିଁ । ଦୂରରେ ଗୋଟାଏ ମାତ୍ର ଅଳ୍ପ ପାୱାର ବଲ୍ବ ଜଳୁଛି । ଲିଲି ହାତଧରି ଟାଣିନେଇ ରଞ୍ଜନ ଅନ୍ଧକାର ମଧ୍ୟକୁ ପଶିଗଲା । କାନ୍ଥ ଦେହରେ ନିଜକୁ ମିଶାଇ ରଖି ଠିଆହେଲା ନୀରବରେ । ହାତରେ ରିଭଲଭର୍ ବାହାର କରି ଧରିଲା ।

ଦରକାର ପଡ଼ିପାରେ ।

Deb's Library Corner...

ଆଗନ୍ତୁକ ଏଥର ଦ୍ରୁତପଦରେ ଆଗେଇ ଆସି ରଞ୍ଜନ ଯେଉଁ ସ୍ଥାନରେ କିଛି ସମୟ ଆଗରୁ ଠିଆ ହୋଇଥିଲା, ସେଇଠି ଆସି ଅଟକିଗଲା । ଏଣେତେଣେ କ'ଣ ଲକ୍ଷ୍ୟ କରିବାକୁ ଲାଗିଲା ।

ଏଥର ଆଗନ୍ତୁକକୁ ଚିହ୍ନିବା ସମୟରେ ରଞ୍ଜନର ବିଳମ୍ବ ହେଲା ନାହିଁ । ସେ ରତନ ବ୍ୟତୀତ ଆଉ କେହି ନୁହେଁ । ବିସ୍ମିତ ହେଲା । ରତନ ଏଠାରେ କ'ଣ କରୁଛି !

ଆଗେଇ ଆସି ରଞ୍ଜନ ଚୁପା କଣ୍ଠରେ ଡାକିଲା—ରତନ !

—ସାର !

ରତନ ଆଗେଇ ଗଲା ପାଖକୁ ।

ନିକଟରେ ପହଞ୍ଚି ରତନ ବୋଧହୁଏ କ'ଣ ପଚାରିବାକୁ ଯାଉଥିଲା; କିନ୍ତୁ ତିନିଜଣ ଚମକି ଉଠି ଦେଖିଲେ ହଠାତ୍ ପଛପଟରେ ଉଜ୍ଜ୍ୱଳ ଆଲୋକ ଧପ୍‌କରି ଜଳିଉଠିଲା ।

ପଛେ ପଛେ ରଞ୍ଜନ ଏବଂ ନୀଳକୁ ଆସିବା ଇଙ୍ଗିତ ଦେଇ ରତନ ଜାଣୁ ଜଣେ କରେ ବାହାର ଆଡ଼କୁ ଯିବାକୁ ଲାଗିଲା । ରଞ୍ଜନ ଏବଂ ନୀଳ ମଧ୍ୟ ତାକୁ ଅନୁସରଣ କରିବାକୁ ଲାଗିଲେ । ଅଳ୍ପକ୍ଷଣ ପରେ ତିନିଜଣ ଗ୍ରେଟ ପାଲେସ ଅତିକ୍ରମ କରି ବାହାର ଗେଟରେ ଆସି ଉପସ୍ଥିତ ହେଲେ ।

ରଞ୍ଜନ ଦେଖିଲା, ବାହାରେ ରାସ୍ତା ଉପରେ ତା'ର ରୋଲସ ରୟ୍ୟାଲ୍‌ସ କାର୍ ଠିଆ ହୋଇଛି । ଦୌଡ଼ି ଦୌଡ଼ି ତିନିଜଣ ଆସି କାର୍ ଭିତରେ ବସି ପଡ଼ିଲେ । ରତନ କାର୍ ଷ୍ଟାର୍ଟ କଲା ।

ପରକ୍ଷଣରେ ନିଃଶବ୍ଦ ଗତିରେ ଆଗକୁ ଛୁଟି ଚାଲିଲା ଦାମୀ ରୋଲ୍ସ ରୟାଲସ ।

ରତନ ନିକଟରୁ ଜଣାପଡ଼ିଲା ରଞ୍ଜନ ଅନେକ ଘଣ୍ଟା ପରେ ବି ହୋଟେଲ ମଧ୍ୟରୁ ବାହାରି ନ ଆସିବା ଫଳରେ ରତନ ଚିନ୍ତିତ ହୋଇ ଉଠିଛି । ତା'ର ଦୃଢ଼ ବିଶ୍ୱାସ ହେଲା ରଞ୍ଜନ ନିଶ୍ଚୟ କୌଣସି ବିପଦର ସମ୍ମୁଖୀନ ହୋଇଛି । ସେ ଆଉ କାଳବିଳମ୍ବ ନ କରି ହୋଟେଲ ମଧ୍ୟରେ ପ୍ରବେଶ କରିବାକୁ ଚେଷ୍ଟାକଲା । ମାତ୍ର ଶୀଘ୍ର ଅନୁଭବ କଲା ଆଗଦେଇ ଭିତରେ ପ୍ରବେଶ କରିବା ଅପେକ୍ଷା ପଛପଟ ଦେଇ ଯିବା ସହଜ ।

ଫଳରେ ଗାଡ଼ିନେଇ ରତନ ପୁଣି ଆସିଲା ହୋଟେଲ ପଛ ପାଖକୁ । ପଛପାଖରେ ଥିବା ଗଳିଟି ସମ୍ପୂର୍ଣ୍ଣ ନିର୍ଜନ । ନିକଟରେ ଠିଆହୋଇ କ'ଣ କରିବ ଭାବୁଛି, ଏତିକିବେଳେ ଆଖିରେ ପଡ଼ିଲା ଜଣେ ଯୁବତୀକୁ କାନ୍ଧରେ ନେଇ କେହି ଜଣେ ପାଇପ୍ ବାଟେ ଓହ୍ଲାଇ ଆସୁଛି ତଳକୁ । ରଞ୍ଜନକୁ ଚିହ୍ନିବା ନିମନ୍ତେ ରତନର କୌଣସି ଅସୁବିଧା ହେଲା ନାହିଁ । ତା'ପରେ···

ଗାଡ଼ି ଆଗେଇ ଆସିଲା ଅନେକ ଦୂର ପର୍ଯ୍ୟନ୍ତ । ହଠାତ୍ ପ୍ରଚଣ୍ଡ ଏକ ବିସ୍ଫୋରଣ ଶବ୍ଦରେ ଚମକି ଉଠିଲେ ତିନିଜଣ । ଦେଖିଲେ ପଛରେ ହୋଟେଲ୍ ମିଡ଼ନାଇଟ୍‌ର ବିରାଟ ଗୃହମହଲ କୋଠାରେ ଯେପରି ପ୍ରଳୟର ତାଣ୍ଡବ ଆରମ୍ଭ ହୋଇଛି । ଚତୁର୍ଦ୍ଦିଗରେ ଜଳନ୍ତ ଅଗ୍ନିର ଲେଲିହାନ ଶିଖା । ତା' ମଧ୍ୟରେ ଖଣ୍ଡ ଖଣ୍ଡ ହୋଇ ଛିଟିକି ମାଟିରେ ବିଛେଇ ହୋଇ ପଡ଼ୁଛି ଇଟା ପଥର ସବୁ ।

ଚତୁର୍ଦ୍ଦିଗରେ କରୁଣ ଆର୍ତ୍ତନାଦ । ଚିତ୍କାର ।

ମୁହୂର୍ତ୍ତକ ମଧ୍ୟରେ ହୋଟେଲ ମିଡ୍‌ନାଇଟ୍ ପରିଣତ ହେଲା ଏକ ଧ୍ୱଂସ ସ୍ତୂପରେ ।

ପଛକୁ ଘୁରି ଦୀର୍ଘଶ୍ୱାସ ପକାଇଲା ରଞ୍ଜନ । ଅସୀମ କ୍ରୋଧରେ ତା'ର ମୁଖମଣ୍ଡଳ ଲାଲ ହୋଇ ଉଠିଲା । ସେ ବୁଝିପାରିଲା, ସେମାନେ ପଳାୟନ କରିବା ପରେ ଦସ୍ୟୁଦଳ ହୋଟେଲରେ ବିସ୍ଫୋରଣ ଘଟାଇ ନିଜର ସମସ୍ତ ପ୍ରମାଣ ଧ୍ୱଂସ କରି ଦେଇଛନ୍ତି । ବୋଧହୁଏ ଅନ୍ୟ କୌଣସି ଆଡ୍‌ଡାରେ ଆତ୍ମଗୋପନ କରିଛନ୍ତି ସେମାନେ ।

ଦାନ୍ତରେ ଦାନ୍ତ ଚାପିଧରିଲା ରଞ୍ଜନ । ଯେ କୌଣସି ଉପାୟରେ ହେଉନା କାହିଁକି, ଏହି ନରହନ୍ତା ଦଳଙ୍କୁ ସେ ସମୁଚିତ ଶାସ୍ତି ଦେବହିଁ ଦେବ ।

ଲିଲି ଅବାକ୍ ।

ପ୍ରାୟ କୋଡ଼ିଏ ମିନିଟ୍ ପରେ ରୋଲ୍‌ସ ରୟାଲ୍‌ସ୍ ଆସି ଏକ ଦ୍ୱିମହଲା କୋଠା ନିକଟରେ ପହଞ୍ଚିଲା । ଗେଟ୍ ଦେହରେ ବଡ଼ ବଡ଼ ଅକ୍ଷରରେ ଲେଖାଅଛି 'କୁଇନ୍ ଲଜ୍' । ଗେଟ୍ ପାରହୋଇ ମନ୍ଥର ଗତିରେ କାର୍‌ଟି ଭିତରେ ପ୍ରବେଶ କଲା ।

କିନ୍ତୁ ନା, ତିନିଜଣଙ୍କ ମଧ୍ୟରୁ କେହି ହେଲେ ଜାଣି ପାରିଲେ ନାହିଁ । ଗେଟ୍ ନିକଟରେ କାର୍‌ର ଗତି ମନ୍ଥର ହୋଇ ଆସିବା ମାତ୍ରେକ ପଛପଟରେ ଡିକି ଖୋଲି ଜଣେ ଗୁପ୍ତମୂର୍ତ୍ତି କୁଦିପଡ଼ିଲା ତଳକୁ । ହୋଟେଲ ମିଡ୍‌ନାଇଟ ନିକଟରୁ ଏଇ ଡିକି ମଧ୍ୟରେ ଆତ୍ମଗୋପନ କରି ସେ ଚାଲି ଆସିଛି ଏପର୍ଯ୍ୟନ୍ତ ।

କାର୍ ଗଳିଯିବା ପରେ ଗେଟ୍ ନିକଟରେ ଠିଆହୋଇ ସେ ତୀକ୍ଷ୍ଣ ଦୃଷ୍ଟି ଚତୁର୍ଦ୍ଦିଗରେ ବୁଲାଇ ନେଲା । ଓଠ ଫାଙ୍କରେ ତା'ର ରହସ୍ୟମୟ ହସ ଫୁଟିଉଠି ମିଳାଇଗଲା ।

ତା'ପରେ ସେ ପୁନର୍ବାର ଆଗକୁ ଯାଇ ଅନ୍ଧକାର ମଧ୍ୟରେ ଅଦୃଶ୍ୟ ହୋଇଗଲା କେଉଁଆଡ଼େ ।

ଫାଙ୍କା ରାସ୍ତା ।

କେହି କୁଆଡ଼େ ନାହାନ୍ତି । ସମୟ ପ୍ରାୟ ରାତି ବାରଟା । ଶୀତଦିନର ଶୀତୁଆ ରାତି । ରାସ୍ତାଘାଟ ସବୁ ଚୁପ୍‌ଚାପ୍, ନିର୍ଜନ ।

କିନ୍ତୁ ଜଣଙ୍କ ଆଖିରେ ନିଦ ନାହିଁ । ସେ ଆମର ପ୍ରିୟ ପୋଲିସ ଅଫିସର ବିଜୟବାବୁ । ଲମ୍ବୁନ୍‌ସ ଆମିଦଳର ଚିଠି ପାଇବା ପରଠାରୁ ଏବଂ ୟୁସୁଫ୍ ଖାନ୍‌ର ମୃତଦେହ ଦେଖିବା ସମୟରୁ ସେ ଯେମିତି ଅନ୍ୟ ମଣିଷ ପାଲଟି ଯାଇଛନ୍ତି ।

ରାତି ନାହିଁ, ଦିନ ନାହିଁ । କେବଳ ହତ୍ୟାକାରୀ ଦଳଙ୍କ ସନ୍ଧାନରେ ନିଜ ପ୍ରାଣ ଛଡ଼ାଇ ଘୂରି ବୁଲୁଛନ୍ତି ବିଜୟବାବୁ । କିନ୍ତୁ ଦୁର୍ଭାଗ୍ୟକ୍ରମେ ତାଙ୍କୁ ହତାଶ ହୋଇ ଘରକୁ ଫେରିବାକୁ ପଡ଼ୁଛି ।

ଆଜି ମଧ୍ୟ ରାତ୍ରି ଶେଷବେଳେ ବିଜୟବାବୁ ଫେରି ଆସୁଥିଲେ । କାର୍ ଚଳାଇ ଚଳାଇ ଗଭୀର ଭାବେ ଚିନ୍ତାମଗ୍ନ ହୋଇ ପଡ଼ୁଥିଲେ ସେ । 'ସହରର ଆନ୍ତର୍ଜାତିକ ଖ୍ୟାତିସମ୍ପନ୍ନ 'ହୋଟେଲ ମିଲ୍ଡ

ନାଇଁ?' ଏଭଳି ଧ୍ୱଂସ ହେବା ପଛରେ କି ଉଦ୍ଦେଶ୍ୟ ରହିଛି ସେ ବୁଝିପାରୁ ନଥିଲେ ।

ଆଇ: ଜି: ସାହେବଙ୍କର ବାରମ୍ବାର ତାଗିଦା, ସମ୍ବାଦପତ୍ରମାନଙ୍କରେ କଟୁ ସମାଲୋଚନା, ଆଜି କାର୍ଯ୍ୟକ୍ଷେତ୍ରରେ ବାରମ୍ବାର ପରାଜୟ···ସବୁ ମିଶି ଯେପରି କ୍ରୋଧରେ ପାଗଳ କରି ପକାଉଥିଲା ବିଜୟବାବୁଙ୍କୁ ।

ହଠାତ୍ ଚମକି ପଡ଼ିଲେ ସେ ।

ଗୋଟାଏ କାର୍ ଖର ବେଗରେ ତାଙ୍କ ପାଖଦେଇ ସାଏଁ କରି ବାହାରି ଚାଲିଗଲା । ହେଡ଼ଲାଇଟ୍ ନାହିଁ । ଆଉ ଅଳ୍ପକରେ ନିଶ୍ଚୟ ଧକ୍କା ଲାଗି ତାଙ୍କ କାର୍‌ଟି ନଷ୍ଟ ହୋଇ ଯାଇଥାନ୍ତା । ଏତେ ରାତିରେ ଏପରି ଭାବରେ କାର୍ ଚଳାଇବାର କାରଣ କ'ଣ ହୋଇପାରେ ! ମନରେ ସନ୍ଦେହ ହେଲା ବିଜୟବାବୁଙ୍କର ।

ସେ ଆଉ କାଳବିଳମ୍ବ ନକରି ନିଜ ଫିଆଟ୍‌ର ଗତିବେଗ ଦ୍ୱିଗୁଣ ବୃଦ୍ଧି କରିଦେଲେ । ହେଡ଼ଲାଇଟ୍ ବନ୍ଦ କରିଦେଲେ ସେ । ଅନ୍ଧକାର ମଧ୍ୟରେ କାର୍ ଛୁଟି ଚାଲିଲା ଆଗକୁ ।

× × ×

ଗଭୀର ଅନ୍ଧକାର ମଧ୍ୟରେ ଡୁବି ରହିଛି 'କୁଇନ୍ ଲଜ୍' ।

କେଇଜଣ ମାତ୍ର ବୋର୍ଡ଼ରଙ୍କୁ ନେଇ ହାଉସ୍‌ଟି ଚାଲିଛି । ନାମୀ ଲଜିଂ ହାଉସ ନ ହେଲେ ମଧ୍ୟ ମୋଟାମୋଟି ମନ୍ଦ ନୁହେଁ । ଆଜକୁ ପ୍ରାୟ ଚାରିମାସ ହେବ ଏଠାରେ ଛଦ୍ମ ନାମରେ ଆସି ବାସ କରୁଛନ୍ତି ରଞ୍ଜନ ଏବଂ ରତନ ।

ଗତକାଲି ରାତ୍ରିରୁ ଲିଲି ମଧ୍ୟ ଆସି ସେମାନଙ୍କ ସହିତ ଯୋଗ ଦେଇଛି । ରଞ୍ଜନ ମତରେ, ଲୟନ୍ସ ଆର୍ମି ଦଳ ଓଡ଼ିଶାରୁ ଗ୍ରେପ୍ତାର ହୋଇ ସମ୍ପୂର୍ଣ୍ଣ ଭାବରେ ନଷ୍ଟ ହୁଏ ନ ହେଲେ ଅନ୍ୟତ୍ର ବାସ କରିବା ଲିଲି ପକ୍ଷରେ ବିପଦଜନକ । ଲିଲି ମଧ୍ୟ ରଞ୍ଜନ କଥାର କୌଣସି ପ୍ରତିବାଦ କରନି । ରଞ୍ଜନ ଭଳି ଏକ ବିଶାଳ ବ୍ୟକ୍ତିଙ୍କର ବୃକ୍ଷ - ଛାୟାରେ ଆଶ୍ରୟ ନେଇଛି ସେ ।

ରାତି ପ୍ରାୟ ବାରଟା । ଚତୁର୍ଦ୍ଦିଗ ଡୁବି ରହିଛି ଗଭୀର ଅନ୍ଧକାର ମଧ୍ୟରେ । କୁଇନ୍ ଲଜ୍‌ରେ ସମସ୍ତେ ବୋଧହୁଏ ନିଦ୍ରାରେ ଅଚେତନ । କାହାରି ସୋରଗୋଳ ନାହିଁ ।

ଏଇ ସମୟରେ ଠିକ୍ କୁଇନ୍ ଲଜ୍ ପଛରେ ଏକ କଳା ରଙ୍ଗର ଆମ୍ବାସଡ଼ର ଆସି ଅଟକିଲା । ଭିତରୁ ଓହ୍ଲାଇ ଆସିଲେ ଦୁଇଜଣ କଳା ପୋଷାକରେ ଆବୃତ୍ତ ବ୍ୟକ୍ତି । ଦୁହେଁ କାନ୍ଥ ନିକଟରେ ମାରବାରେ ଠିଆହୋଇ ରହିଲେ କିଛି ସମୟ ପର୍ଯ୍ୟନ୍ତ । ଦୁହେଁ ନମ୍ର କଣ୍ଠରେ କିଛି କଥାବାର୍ତ୍ତା କଲେ ।

ତା'ପରେ ଜଣେ ଦ୍ରୁତ ତଥା ସତର୍କ ପଦରେ ଆଗେଇ ଯାଇ 'କୁଇନ୍ ଲଜ୍'ର ଠିକ୍ ପଛପାଖକୁ ଲାଗି ଠିଆହେଲା । ପରେ ଶିକ୍ଷିତ ଦୃଷ୍ଟିରେ ଚାରିଆଡ଼େ ଦେଖିନେଲା । ତା'ପରେ ସର୍କସର ଖେଳାଳୀ ଭଳି କୋଠା ଉପରୁ ତଳକୁ ଲମ୍ବି ଆସିଥିବା ପାଣି ପାଇପ୍ ସାହାଯ୍ୟରେ ଉଠିଗଲା ଉପରକୁ ।

ଅଳ୍ପ ସମୟ ପରେ ଦ୍ଵିତୀୟ ଜଣଙ୍କର ପଦାଙ୍କ ଆଗନ୍ତୁକ କେଉଁଆଡ଼େ ଅଦୃଶ୍ୟ ହୋଇଗଲା ଅନ୍ଧକାର ମଧ୍ୟରେ ।

ଚଳେ କାର୍ ନିକଟରେ ଠିଆ ହୋଇଥିବା ଲୋକଟି ଚୁପ୍‌ଚାପ କିଛି ସମୟ ଠିଆହେବା ପରେ ପୁନର୍ବାର ଆସି କାର୍ ଭିତରେ ବସିଲା । ନୀରବରେ ପ୍ରଥମ ବ୍ୟକ୍ତିକୁ ଅପେକ୍ଷା କରିବାକୁ ଲାଗିଲା ବସି ବସି ।

ଏଇଭଳି ଭାବରେ କୋଡ଼ିଏ ମିନଟ୍ ସମୟ ଅତିବାହିତ ହୋଇଗଲା ।

କାର୍ ଭିତରେ ବସିଥିବା ଲୋକଟି ଚଞ୍ଚଳ ହୋଇ ଉଠିଲା । ଦେଖିଲା ଅନ୍ଧକାର ମଧ୍ୟରେ ଜଣେ ଲୋକ କାର୍ ଆଗକୁ ଆଗେଇ ଆସୁଛି । କାନ୍ଧରେ ତା'ର ଝୁଲି ରହିଛି କୌଣସି ଏକ ଭାରି ପଦାର୍ଥ ।

ଲୋକଟି ଆଗେଇ ଆସି କାର୍ ନିକଟରେ ପହଞ୍ଚିଲା । ନିଃଶବ୍ଦରେ ଦରଜା ଖୋଲି କାନ୍ଧରୁ ବୋଝ ଓହ୍ଲାଇ ଶୁଆଇ ଦେଲା ପଛ ସିଟ୍‌ରେ । ତା'ପରେ ନିଜେ ଆସି ବସିଲା ପ୍ରଥମ ବ୍ୟକ୍ତି ନିକଟରେ । କାର୍‌ରେ ପୂର୍ବରୁ ବସିଥିବା ଲୋକଟି ଥରେ ପଛ ସିଟ୍‌ରେ ଶାୟିତା ଲିଲି ଉପରେ ଆଖି ବୁଲାଇ ନେଇ ପାଖ ଲୋକ-ଟିକୁ କହିଲା—କିଛି ଅସୁବିଧା ହୋଇନି ତ ଇସ୍‌ମାଇଲ ?

ଇସ୍‌ମାଇଲ ନାମଧାରୀ ଲୋକଟି ହାସୁ ହାସୁ କହିଲା—ଇସ୍‌ମାଇଲ ଯେଉଁ କାମରେ ହାତ ଦେବ, ଶେଷ ନ କରି ଛାଡ଼ିବ ନାହିଁ । ଚଲ ଆଉ ଡେରିକର ଲାଭ ନାହିଁ ।

ଅନ୍ୟ ଲୋକଟି କାର୍ ଷ୍ଟାର୍ଟ କଲା । ଅନ୍ଧକାର ମଧ୍ୟରେ କାର୍ ଛୁଟି ଚାଲିଲା ଆଗକୁ ।

କିନ୍ତୁ ସେମାନେ ଜାଣି ପାରିଲେନି । କିଛି ଦୂରରେ ରହିଥିବା ଆଉ ଏକ ଫିଆଟ୍ କାର୍ ମଧ୍ୟ ଏଥର ଷ୍ଟାର୍ଟ ହୋଇ ଆଗେଇ

ଆସିଲ । ତା'ପରେ ଅନୁସରଣ କରିବାକୁ ଲଗିଲ ଆଗ କାର୍‌କୁ । କହିବା ବାହୁଲ୍ୟ, ଫିଆଟ୍ କାର୍‌ରେ ବସିରହି ବିଜୟବାବୁ ସବୁକିଛି ଦେଖିଛନ୍ତି ଏବଂ ବର୍ତ୍ତମାନ···

ବଡ଼ ହଲ୍ ଘର ।

ହଲ୍‌ରେ ଧାଡ଼ି ଧାଡ଼ି ହୋଇ ପ୍ରାୟ ପଚିଶଟି ଚେୟାର ପଡ଼ିଛି । ସେପାଖ କୋଣରେ ଏକ ବିରାଟ କଳା ରଙ୍ଗର ଟେବୁଲ । ଦେଖାଗଲା ପ୍ରାୟ ଗୋଟିଏ ଦୁଇଟି ଚେୟାରକୁ ଛାଡ଼ିଦେଲେ ଅନ୍ୟ ଗୁଡ଼ିକରେ ଜଣେ ଲେଖାଏଁ କଳାପୋଷାକ ପରିହିତ ବ୍ୟକ୍ତି ଅଧିକାର କରି ବସିଛନ୍ତି ।

ଗାଢ଼ ନୀଳରଙ୍ଗର ଆଲୋକରେ ହଲ୍ ଆଲୋକିତ । ଟେବୁଲ ନିକଟରେ ଥିବା ଚେୟାର ଉପରେ ଜଣେ କଳା ପୋଷାକ ପରିହିତ ବ୍ୟକ୍ତି ବସିରହି ନିବିଷ୍ଟ ଭାବରେ କ'ଣ ଲକ୍ଷ୍ୟ କରୁଥିଲେ । ହଠାତ୍ ଉଠି ଠିଆହେଲେ ସେ । ଟେବୁଲ ନିକଟରେ ଥିବା ମାଇକ୍ରୋ-ଫୋନ୍‌ରେ ମୁହଁ ଲଗାଇ ଥରେ ହଲ୍‌ରେ ଉପସ୍ଥିତ ସମସ୍ତଙ୍କ ଉପରେ ଆଖି ବୁଲାଇ ଆଣି ଆରମ୍ଭ କଲେ—

ବନ୍ଧୁଗଣ ! ଆଜି ତୁମ ସମସ୍ତଙ୍କୁ ଏଠାରେ ଏକତ୍ରିତ କରିବାର ଏକ ବିଶିଷ୍ଟ କାରଣ ରହିଛି । ଆମ ଦଳର କେତେଜଣ ବିଶ୍ୱାସଘାତକତା କରିଛନ୍ତି । ସେମାନଙ୍କୁ ଯାହା ଶାସ୍ତି ଦେବା କଥା ମୁଁ ଦେଇଛି । ବର୍ତ୍ତମାନ ଓଡ଼ିଶା ପୋଲିସ ପ୍ରବଳ ପରାକ୍ରମରେ ଆମ ପଛରେ ଲାଗି ଯାଇଛନ୍ତି । ମାତ୍ର ଦଳର କାହାକୁ

ଗ୍ରେପ୍ତାର କରିବା ତାଙ୍କ ନିକଟରେ କେବଳ ଆଶାରେ ହିଁ ରହିଯିବ ।

ହୋଟେଲ 'ମିଡ୍ ନାଇଟ୍' ଧ୍ୱଂସ ହୋଇଗଲା ବୋଲି ସମସ୍ତେ ବର୍ତ୍ତମାନ ସ୍ଥିର ନିଶ୍ଚିତ । କିନ୍ତୁ ଏଇଟା ପ୍ରକୃତରେ ଆମର ଗୋଟାଏ ଚାଲ୍ । ପ୍ରଥମ ହଲ୍‌ଟି ବର୍ତ୍ତମାନ ସମ୍ପୂର୍ଣ୍ଣ ସୁରକ୍ଷିତ ଅବସ୍ଥାରେ । ଏକଥା ତୁମମାନଙ୍କର ଅଜଣା ନୁହେଁ । ସେ ଯା'ହେଉ, ଧ୍ୱଂସାବଶେଷ ଭିତରେ ରହି ସ୍ଥାନୀୟ ପୋଲିସ ବାହିନୀକୁ ଧୋକ୍କା ଦେଇ ଆମ କାର୍ଯ୍ୟ ହାସଲ କରିବା ପାଇଁ ସ୍ଥାନଟି ଖୁବ୍ ସୁବିଧାଜନକ ।

ବର୍ତ୍ତମାନ ଆମ ନିକଟରେ ଯେଉଁ କୋଟି କୋଟି ଟଙ୍କାର ମାଦକ ଦ୍ରବ୍ୟ ଏବଂ ପୁରାତନ ମୂର୍ତ୍ତି ଇତ୍ୟାଦି ରହିଛି ତାକୁ ଶୀଘ୍ର ଶୀଘ୍ର ବିଦେଶକୁ ପଠାଇବା ନିମନ୍ତେ ଉଦ୍ୟମ କରିବାକୁ ହେବ । ତା'ପରେ କିଛିଦିନ ନିମନ୍ତେ ଆମର ବିଶ୍ରାମ ।

ମୁହୂର୍ତ୍ତକ ପାଇଁ ଥମିଗଲା ଛଦ୍ମବେଶୀ । କିନ୍ତୁ ଆଉ କିଛି କହିବା ଆଗରୁ ହଲ୍‌ର ଦରଜା ଖୋଲିଗଲା । ଭିତରକୁ ଆସିଲେ ଇସ୍‌ମାଇଲ ଏବଂ ଅନ୍ୟ ଦସ୍ୟୁଟି । ଇସ୍‌ମାଇଲ କାନ୍ଧରେ ଶୋଇ ରହିଛି ଅଚେତନ ଲିଲି ।

ଲିଲିକୁ ତଳେ ଶୁଆଇ ଦେଲା ଇସ୍‌ମାଇଲ । ଛଦ୍ମବେଶୀ ତା' ଆଡ଼କୁ ଆନନ୍ଦପୂର୍ଣ୍ଣ ଦୃଷ୍ଟିରେ ଚାହିଁ କହିଲା—ସାବାସ୍, ଇସ୍‌ମାଇଲ । ତୁମ କାର୍ଯ୍ୟରେ ମୁଁ ଅତ୍ୟନ୍ତ ଆନନ୍ଦିତ । ଏଇ ନିଅ ତୁମ ଦୁଇଜଣଙ୍କର ପୁରସ୍କାର ।

ଦୁଇଟି ଥର ବାହାର କରି ଛଦ୍ମବେଶୀ ଫିଙ୍ଗିଦେଲା ଟେବୁଲ ଉପରକୁ । ଇସ୍‌ମାଇଲ ଏବଂ ଅନ୍ୟ ଦସ୍ୟୁଜଣକ ପୁରସ୍କାର ନେବା ନିମନ୍ତେ ଟେବୁଲ ନିକଟକୁ ଆଗେଇ ଗଲେ । କିନ୍ତୁ ଦୁହେଁ ନିକଟରେ ପହଞ୍ଚିବା ଆଗରୁ ହଠାତ୍ ଛଦ୍ମବେଶୀର ରିଭଲଭର୍ ଗର୍ଜିଉଠିଲା । ଗୁଡ଼ୁମ୍...

ଯନ୍ତ୍ରଣାରେ ଚିତ୍କାର କରି ଅନ୍ୟ ଦସ୍ୟୁ ଜଣକ ଲୋଟି ପଡ଼ିଲା ତଳେ ।

ଛଦ୍ମବେଶୀ ରିଭଲଭର୍ ଇସ୍‌ମାଇଲ ଆଡ଼େ ଉଦ୍ୟତ କରି ଗର୍ଜିଉଠିଲା—ସାବଧାନ ଇସମାଇଲ । ହାଃ...ହାଃ...ହାଃ ଚମତ୍କାର ଅଭିନୟ କରିଗଲ ଦସ୍ୟୁ ରତନ । ଇସ୍‌ମାଇଲ ସାଜି ନିଜେ ଚାଲି ଆସିଲ ବାଘ ଗୁମ୍ଫାକୁ । କିନ୍ତୁ ଏତିକି ଜାଣି ରଖିବା ଦରକାର ଥିଲା, ଲୟନ୍‌ସ ଆର୍ମିର ଅଧିନାୟକ ଏତେ ବୋକା ନୁହେଁ...ହାଃ - ହାଃ...ହାଃ...

ଛଦ୍ମବେଶୀ ଅଟ୍ଟହାସ୍ୟ କରି ଉଠିଲା ।

ଦଳର ଅନ୍ୟମାନେ ବିସ୍ମୟରେ ଅବାକ୍ ହୋଇ ଚାହିଁ ରହିଲେ ଇସ୍‌ମାଇଲ ଆଡ଼କୁ । ଆଶ୍ଚର୍ଯ୍ୟ ! ଏଇ ତା'ହେଲେ ଦୁର୍ଦ୍ଦାନ୍ତ ଦସ୍ୟୁ ରଞ୍ଜନର ସହକାରୀ ଦସ୍ୟୁ ରତନ । କିନ୍ତୁ ଏକଥା ସମ୍ଭବ ହେଲା କେମିତି ?

ଛଦ୍ମବେଶୀ ଗର୍ଜି ଉଠିଲା—ଏପଟ ସେପଟ ହେବାର ଚେଷ୍ଟା କରନା ରତନ । ସେଭଳି ହେଲେ କୁକୁର ଭଳି ଗୁଳିକରି ମାରିବି । ବନ୍ଧୁଗଣ !...ଆମର ପ୍ରଧାନ ଶତ୍ରୁ ଦୁଇଜଣ ଆଜ

Deb's Library Corner...

ଆଗେ ଆଗେ ଆମ ହାତରେ ଆସି ଧରା ଦେଇଛନ୍ତି । ତେଣୁ ସମସ୍ତେ ମରିବା ପୂର୍ବରୁ ସେ ଦୁଇଜଣଙ୍କୁ ସତ୍କାର ଦରକାର । ଦୁଇଜଣଙ୍କ ମଧ୍ୟରୁ ଜଣେହେଲେ ଏଇ ରତନ, ଆଉ ଅନ୍ୟଜଣେ ହେଉଛନ୍ତି ଗୋଇନ୍ଦା ସମ୍ରାଟ ବିଜୟବାବୁ । ହାଃ·· ହାଃ···ନା ନା, ପକେଟରେ ହାତ ପୁରାନ୍ତୁନି ବିଜୟବାବୁ ! ଚୁପ୍‌ଚାପ ଉଠି ଆସନ୍ତୁ···ନ ହେଲେ··

ଛଦ୍ମବେଶୀ ହଲ୍‌ରେ ବସିଥିବା ଦସ୍ୟୁମାନଙ୍କ ମଧ୍ୟରୁ ଜଣଙ୍କ ଆଡ଼କୁ ତା'ର ସେଇ ବିଚିତ୍ର ରିଭଲଭର୍ ଉଞ୍ଚାଇ ଧରିଲା । ସମସ୍ତେ ଅବାକ୍ ହୋଇ ଦେଖିଲେ, କଳାପୋଷାକ ପରିହିତ ଜଣେ ଦସ୍ୟୁ ଧୀର ପଦରେ ଆଗେଇ ଯାଇ ଟେବୁଲ ନିକଟରେ ଠିଆ ହେଲା ।

ବିଜୟବାବୁ !

ସମସ୍ତେ ଯେପରି ବିସ୍ମୟ ଭାବରେ ଭାଙ୍ଗି ପଡ଼ିଲେ ।

ଛଦ୍ମବେଶୀ ଏଥର ରତନ ଏବଂ ବିଜୟବାବୁଙ୍କ ଆଡ଼କୁ ନିଜର ବିଚିତ୍ର ରିଭଲଭର୍ ଉଦ୍ୟତ କରି ଚର୍ଚ୍ଚି ଉଠିଲା—ଦସ୍ୟୁ ରତନ, ଆଉ ଗୋଇନ୍ଦା ବିଜୟବାବୁ ! ଲସ୍ଟହ୍‌ସ ଆର୍ମିଦଳ ଯେ କେତେ ଭୟଙ୍କର ସେକଥା ଆଜି ତୁମେ ଦୁହେଁ ବୁଝିପାରିବ । ମୋ' ହାତରେ ଥିବା ଏଇ ଯନ୍ତ୍ରଟି ଏକ ଅଟୋମେଟିକ୍ ରିଭଲଭର୍ । ଟ୍ରିଗର ଚିପିବା ମାତ୍ରକେ ଏହା ମଧ୍ୟରୁ ଯେଉଁ ତୀବ୍ର ରଶ୍ମି ନିର୍ଗତ ହେବ, ତାହା ତୁମ ଦୁଇଜଣଙ୍କ ଦେହକୁ ସମାନ ଭାବରେ ଦୁଇଖଣ୍ଡ କରିଦେବ । ହାଃ···ହାଃ···ମୃତ୍ୟୁ ପାଇଁ ପ୍ରସ୍ତୁତ ହୁଅ କୁକୁର ।

କିନ୍ତୁ ଠିକ୍ ଏଇ ସମୟରେ ଏକ ବିଚିତ୍ର ଘଟଣା ଘଟିଗଲା । ଛଦ୍ମବେଶୀର ରିଭଲଭର୍ ଗର୍ଜିଉଠିବା ଆଗରୁ, ତୀର ବେଗରେ

ଆଉ ଏକ ବୁଲେଟ୍ ଛୁଟିଆସି ତା' ହାତରେ ବାଜି ହେଲା । ରିଭଲଭର୍ ଛିଟ୍କି ପଡ଼ିଲା ତଳକୁ ।

ସର୍ପାହତ ଭଳି ଚମକି ଉଠି ସେ ଦେଖିଲା—ଦରଜା ନିକଟରେ ଠିଆ ହୋଇଛନ୍ତି ବିଜୟବାବୁଙ୍କ ସହକାରୀ ସରୋଜ ଏବଂ ତା' ହାତରେ ଉଦ୍ୟତ ରିଭଲଭରରୁ ଧୂଆଁ ନିର୍ଗତ ହେଉଛି ।

ସରୋଜ ପଛେ ପଛେ ଭିତରକୁ ପଶି ଆସିଲେ ଆଇ. ଜି. ସାହେବ । ସଶସ୍ତ୍ର ପୋଲିସ ବାହିନୀ ସହିତ ଉପସ୍ଥିତ ଦସ୍ୟୁ ଦଳଙ୍କୁ ଘେରାଉ କରିବା ନିମନ୍ତେ ପୋଲିସ ବାହିନୀ ପକ୍ଷରେ ଆଦୌ ଅସୁବିଧା ହେଲା ନାହିଁ ।

ସରୋଜ ରିଭଲଭର୍ ଉଞ୍ଚାଇ ଧରି ଛଦ୍ମବେଶୀ ଆଡ଼େ ଚାହିଁ କଠିନ କଣ୍ଠରେ କହିଉଠିଲା—ସାବଧାନ ଜନ୍ ହେନେସି, ଓରଫ୍ ଲାୟନ୍ସ ଆର୍ମି ଅଧିନାୟକ ! ତୁମର ସବୁ ଖେଳ ଶେଷ । ଚାଲାକି ଦେଖାଇବାକୁ ଚେଷ୍ଟାକଲେ ଗୁଳି କରିବି ।

କ'ଣ ହେଲା କେଜାଣି ହଠାତ୍ ଦେଖାଗଲା, ଜନ୍ ହେନେସି ଅର୍ଥାତ୍ ହୋଟେଲ ମିଡ଼ନାଇଟ୍‌ର ମାଲିକ ଚେୟାର ଉପରୁ ଟଳି-ପଡ଼ିଲେ ତଳକୁ । ସରୋଜ ଦୌଡ଼ିଗଲା ପାଖକୁ । ହେନେସିଙ୍କ ପାଟିରୁ ଦୁଇଧାର ଲାଳ ଗଡ଼ିପଡ଼ୁଛି । ପରୀକ୍ଷା କରି ଉଠି ଠିଆହେଲା ସରୋଜ । ତା'ପରେ ବିଜୟବାବୁଙ୍କ ଆଡ଼କୁ ଚାହିଁ ବିଷଣ୍ଣ କଣ୍ଠରେ କହିଲା—ହି ଇଜ୍ ଡେଡ୍ । ବର୍ତ୍ତମାନ ଆମ ଧରାଛୁଆଁ ବାହାରେ । ପାଖରେ ଥିବା ପଏଜନ୍ସ କ୍ୟାପ୍‌ସୁଲ ଖାଇ ମୃତ୍ୟୁ ଘଟିଛି ।

ଇତି ମଧ୍ୟରେ ପୋଲିସ ବାହିନୀ ଉପସ୍ଥିତ ଅନ୍ୟ ଦସ୍ୟୁ-ମାନଙ୍କୁ ବନ୍ଦୀ କରି ସାରିଥିଲେ ।

ବିଜୟବାବୁଙ୍କ ନିକଟକୁ ଆଗେଇ ଆସୁ ଆସୁ ଆଇ: ଜି: ସାହେବ—ମୃଦୁ ହସି କହିଲେ—ଏତେବଡ଼ ଦସ୍ୟୁଦଳକୁ ଗ୍ରେପ୍ତାର କରିବାରେ ଏଥର ସରୋଜବାବୁ ବିଶେଷ ଭାବରେ ଦାୟୀ । ବାସ୍ତବିକ ତାଙ୍କୁ ଧନ୍ୟବାଦ ଦେବା କଥା ।

ବିଜୟବାବୁ କ'ଣ ଚିନ୍ତା କରୁଥିଲେ । ମୁହଁ ତୋଳି ଫେର ଚାହିଁଲେ ସେ । ବାସ୍ତବିକ ସରୋଜ ଯଦି ନଥାନ୍ତା, ତା'ହେଲେ ଆଜ ଏଇ ଦୁର୍ଦ୍ଦାନ୍ତ ହେନେରି ତାଙ୍କୁ ନିଶ୍ଚୟ ହତ୍ୟା କରିଥା'ନ୍ତା । ସରୋଜକୁ ଧନ୍ୟବାଦ ଦେବା ଉଦ୍ଦେଶ୍ୟରେ ସେ ଫେର ଚାହିଁଲେ ।

ଏ କ'ଣ, ସରୋଜ କୁଆଡ଼େ ଗଲା ?

ହଲରେ କେଉଁଠାରେ ହେଲେ ଆଜ ସରୋଜର ଦେଖା ମିଳିଲା ନାହିଁ । ଅବାକ୍ ହୋଇ ଆଇ: ଜି: ସାହେବ ଏବଂ ବିଜୟବାବୁ ପ୍ରଭୃତି ସମସ୍ତେ ଦେଖିଲେ ରତନର ମଧ୍ୟ ପତ୍ତା ନାହିଁ ।

ଆଶ୍ଚର୍ଯ୍ୟ ! ରତନ ଏବଂ ସରୋଜ ଦୁହେଁ ଗଲେ କୁଆଡ଼େ ?

ଜଣେ ପୋଲିସ ସର୍ଜେଣ୍ଟ ଆଗେଇ ଆସି ଖଣ୍ଡିଏ ଚିଠି ଆଇ: ଜି: ସାହେବଙ୍କ ଆଡ଼କୁ ବଢ଼ାଇ ଦେଇ କହିଲା—ସରୋଜବାବୁ ଜରୁରି କାମରେ କେଉଁଆଡେ ଚାଲିଗଲେ । ଏ ଚିଠିଟି ଆପଣଙ୍କୁ ଦେବା ନିମନ୍ତେ କହି ଯାଇଛନ୍ତି ।

ଆଇ: ଜି: ସାହେବ ବିସ୍ମିତ ହୋଇ ଚିଠି ଖଣ୍ଡିକୁ ନେଇ ପଢ଼ିବାକୁ ଆରମ୍ଭ କଲେ—ଲେଖାଥିଲା —

ମାନନୀୟ ଆଇ: ଜି: ସାହେବ !

ନମସ୍କାର ! 'ଲୟନ୍‌ସ ଅର୍ମି' ନାମକ ସ୍ମଗଲିଂ ଦଳର ଦୁର୍ଦ୍ଦାନ୍ତ ସର୍ଦ୍ଦାର ଏବଂ ତା'ର ଦଳ ବର୍ତ୍ତମାନ ଆପଣଙ୍କ ହାତରେ । ହୋଟେଲ ମିଡ଼ ନାଇଟ୍‌ର ମାଲିକ ଜନ୍ ହେନେରି ଏଇ ଦଳର

ସର୍ଦ୍ଦାର । ୟୁସୁଫ୍ ଖାନ୍‌ର ହତ୍ୟା ଫଳରେ ମୁଁ ଏଥିସହ ଲାଲଜଙ୍କୁ ସଂପୃକ୍ତ କରି ପକାଇଥିଲି । ସେ ଯା'ହେଉଲେ ଲାଲ ରାୟଙ୍କ ନିକଟରୁ ବାକି କଥା ଶୁଣିବେ । ଜଗପୂବାବୁଙ୍କ ସହକାରୀ ସରୋଜବାବୁଙ୍କ ଛଦ୍ମବେଶ ନେଇନଥିଲେ ମୁଁ ଶୀଘ୍ର ପୋଲିସ ବାହିନୀର ସାହାଯ୍ୟ ପାଇପାରି ନଥା'ନ୍ତି ।

ଶେଷରେ କହି ରଖୁଛି, ଲାଲ ରାୟ ନିରପରାଧୀ । ତାଙ୍କୁ ସନ୍ଦେହ କରିବାର କିଛି ନାହିଁ । ହଁ, କୁଇନ୍ ଲଜ୍‌କୁ ଯାଇ ଆମର ଅନୁସନ୍ଧାନ ଚଳାଇ କୌଣସି ଲାଭ ନାହିଁ । ସେତେବେଳକୁ ଆମେ ଆପଣଙ୍କ ନିକଟରୁ ଅନେକ ଦୂରରେ । ରହିଲା, ଭବିଷ୍ୟତରେ ଦେଖା ହେବ । ଇତି ।

—ଦସ୍ୟୁ ରଞ୍ଜନ

ଚିଠି ଖଣ୍ଡିକୁ ପଢ଼ି ଆଇ: ଜି: ଯାଦବ ଜଗପୂବାବୁଙ୍କ ଆଡ଼କୁ ବଢ଼ାଇ ଦେଲେ । ମୁହଁରୁ ତାଙ୍କର ବାହାରି ଆସିଲା— ଅଦ୍ଭୁତ ଏଇ ଦସ୍ୟୁ ରଞ୍ଜନ ଆଉ ରତନ !

●

ଏହା ପରେ ଦସ୍ୟୁ ରଞ୍ଜନ ଏବଂ ରତନର ଅଭିନବ

କାର୍ଯ୍ୟକଳାପ ଜାଣିବାକୁ ହେଲେ ପଢ଼ନ୍ତୁ···

ଭୟାବହ ଅଭିଯାନର କାହାଣୀ

ମରଣ ଜାଲରେ ରଞ୍ଜନ